ପ୍ରଦୀପ ଅମାତ କହିଥିଲେ ଯେ, ବାତ୍ୟା ଯୋଗୁଁ ଚାଷୀ କୂଳକୁ ଅନେକ କ୍ଷତି ସହିବାକୁ ପଡିଛି । ଚାଷୀ ମାନଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯାଉ । ସ୍ଥାନୀୟ ଲୋକେ ଗତ ଅଢେଇ ବର୍ଷ ମଧ୍ୟରେ କୌଣସି ସରକାରୀ ସହାୟତା ପାଇଲେ ନାହିଁ । ଆବାସ ଗୃହ ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ବାତ୍ୟା ଯୋଗୁଁ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତିର ତୁରନ୍ତ ଆକଳନ କରି କ୍ଷତିପୂରଣ ଯୋଗାଇ ଦିଅନ୍ତୁ ରାଜ୍ୟ ସରକାର । ଗଣେଶ୍ୱର ବେହେରା କହିଥିଲେ ଯେ, ପ୍ରବଳ ବର୍ଷା ଯୋଗୁଁ ଧାନ ଚାଷ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଫଳରେ ଚାଷୀକୂଳ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଜିଲ୍ଲାରେ ଅନେକ ବାସହୀନ ଲୋକ ରହିଛନ୍ତି, ତାଙ୍କୁ ଆବାସ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯାଉ । ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ପେଣ୍ଡ ଅଞ୍ଚଳର ଲୋକେ ଅନେକ କଷ୍ଟ ଭୋଗୁଛନ୍ତି । ରାଜ୍ୟ ସରକାର ପେଣ୍ଡବାସୀଙ୍କ ପ୍ରତି ଅବିଚାର ନକରି ସେମାନଙ୍କ ସୁବିଧା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ । ଧ୍ରୁବ ସାହୁ କହିଥିଲେ ଯେ, ତଳିଆ ଅଞ୍ଚଳର ଲୋକଙ୍କ ଘରେ ପାଣି ପଶିଥିବାରୁ, ସେମାନେ ଆଶ୍ରୟ ନେବାକୁ ବାତ୍ୟା ଆଶ୍ରୟସ୍ଥଳୀକୁ ଆସିଥିଲେ । ରାତିରେ ବାତ୍ୟା ଆଶ୍ରୟସ୍ଥଳୀକୁ ହଠାତ୍ ବନ୍ଦ କରିଦିଆଯାଇ ଥିବାରୁ ସେମାନେ ଏବେ କେଉଁଠି ରହିବେ ବୋଲି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ବର୍ଷା ଯୋଗୁଁ ଧାନ ଫସଲ ନଷ୍ଟ ହୋଇଛି । ଚାଷୀ କୂଳ ଅନେକ କ୍ଷତିଗ୍ରସ୍ତ ହୋଇଛନ୍ତି । ଚାଷୀ ମାନଙ୍କୁ ଆର୍ଥିକ ସହାୟତା, ଋଣ, ସବସିଡି ଆଦି ରାଜ୍ୟ ସରକାର ପ୍ରଦାନ କରନ୍ତୁ । ବାସହୀନଙ୍କୁ ତୁରନ୍ତ ଆବାସ ଗୃହ ଯୋଗାଇ ଦେବା ସହ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକର ମରାମତି କରିବାକୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ । ଏହି ବିପଦ ସମୟରେ ଓଡ଼ିଶାବାସୀଙ୍କ ସହ ବିଜେଡି ଦୃଢ଼ ଭାବେ ଠିଆ ହୋଇଛି, ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଦଳ ପ୍ରତିବଦ୍ଧ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶା ସଫଳ ବିପର୍ଯ୍ୟୟ ପରିଚାଳନା କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲା । ବିଜେଡି ଶୂନ୍ୟ ମୃତାହତକୁ ସର୍ବଦା ଗୁରୁତ୍ୱ ପ୍ରଦାନ କରିଥିଲା । ବର୍ତ୍ତମାନର ସରକାର ବାତ୍ୟା ମୁକାବିଲା କରିବାରେ ବିଫଳ ହୋଇଛନ୍ତି, ଯାହା ଫଳରେ ବ୍ୟାପକ କ୍ଷୟକ୍ଷତି ସହ ଜୀବନହାନି ହେଉଛି ।

- ବାତ୍ୟା ପରବର୍ତ୍ତୀ ମୁକାବିଲା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା
- କୃଷି ଋଣ ଛାଡ ପାଇଁ ବିଜେଡିର ଦାବି

ଧନେଶ୍ୱର ଗ୍ରୁପ୍‌ରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ 'ଓଡେଶି-୨୦୨୬'

କଟକ, (ସ୍ୱପ୍ର): ଓଡ଼ିଶାର ଅନ୍ୟତମ ନର୍ସିଂ ଶିକ୍ଷାନୁଷ୍ଠାନ ସମୂହ ଧନେଶ୍ୱର ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ୍‌ରେ ବିଏସ୍‌ସି (ନର୍ସିଂ), ପିବିବିଏସ୍‌ସି (ନର୍ସିଂ), ଏମ୍‌ଏସ୍‌ସି (ନର୍ସିଂ), ଜିଏନ୍‌ଏମ, ଏଏନ୍‌ଏମ ଓ ଡିଏମ୍‌ଏଲ୍‌ଟି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ 'ଓଡେଶି-୨୦୨୬' ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାଲିକୁଦା ଉତ୍ତମାପୁର ସ୍ଥିତ କ୍ୟାମ୍ପସ-୧ ପରିସରରେ ଆୟୋଜିତ ଏହି ଉତ୍ସବକୁ ଧନେଶ୍ୱର ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡ. ସଂଗ୍ରାମ କେଶରୀ ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। କୃତିତ୍ୱର ସହ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ବୃତ୍ତିଗତ କ୍ଷେତ୍ରରେ ସେମାନେ ଉତ୍କର୍ଷ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ

ବାତ୍ୟା ଅକଭାନ୍ ପ୍ରଭାବ: ଧାନ ଫସଲ କ୍ଷତିଗ୍ରସ୍ତ, ପ୍ରଶାସନର ସ୍ଥିତି ଅନୁଧାନ

ବୁଗୁଡା, (ସବ୍ୟୁ) : ବାତ୍ୟା ଅକଭାନ୍ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବୁଗୁଡା ବ୍ଲକର କେତେକ ଗ୍ରାମାଞ୍ଚଳ ସାଙ୍ଗକୁ ଚାଷଜମି ଜଳମଗ୍ନ ହୋଇଥିବାରୁ ବ୍ୟାପକ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ଏନେଇ ପ୍ରଶାସନ ପକ୍ଷରୁ ଗତକାଲି ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳ ଭି.କିର୍ତ୍ତୀ ଭାସନ ଅଚାନକ ଗସ୍ତକରି ବର୍ଷା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ବାଘୁଆ ଜଳଭଣ୍ଡାରର ସ୍ଥିତି



ଅନୁଧାନ କରି ଫେରିଥିଲା ବେଳେ ଆଜି ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରଚୁଲି, ବିରଞ୍ଚିପୁର, ଉଦୟପୁର ଆଦି ଅଞ୍ଚଳ ପରିଦର୍ଶନ କରି ଜଳମଗ୍ନ ଏବଂ କ୍ଷତିଗ୍ରସ୍ତ ଧାନ ଫସଲ ଜମିର ସ୍ଥିତି ଅନୁଧାନ କରିଥିଲେ।

ଏହି ସମୟରେ ସେ ପ୍ରଭାବିତ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଫସଲ କ୍ଷୟକ୍ଷତି ସମ୍ପର୍କେ ପଚାରି ବୁଝିଥିଲେ ଏବଂ କ୍ଷତିଗ୍ରସ୍ତ ଚାଷଜମିର ତୁରନ୍ତ ଆକଳନ କରି ଆବଶ୍ୟକୀୟ ରିପୋର୍ଟ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ଷେତ୍ର ପରିଦର୍ଶନ କାଳରେ ବୁଗୁଡା ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ତହସିଲଦାର ତାପସ ରାଉତ ଓ ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ସମେତ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

କଳିଙ୍ଗା ଘାଟି ଉପରେ ଖୋଲା ତଳେ ବ୍ୟାରିକେଡ଼ ଭାଙ୍ଗିଲେ ଅମାନିଆ ଗାଡ଼ି ଚାଳକ

ଭଂଜନଗର, (ସବ୍ୟୁ) : ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି, କଳିଙ୍ଗା ଘାଟିରେ ଯାତାୟାତକୁ କଟକଣା ଲଗାଇଥିଲେ ଗଂଜାମ ଓ କନ୍ଧମାଳ ଜିଲ୍ଲା ପ୍ରଶାସନ । ତିନିଦିନ ଚଳିତ ୧୯, ୨୦ ଓ ୨୧ ତାରିଖ ପାଇଁ କଟକଣା ନିର୍ଦ୍ଦେଶନାମା ଜାରି ହୋଇଥିଲା । ହେଲେ ଶନିବାର ଦିନ ଘାଟି ଉପରେ କଳିଙ୍ଗା ଠାରେ କନ୍ଧମାଳ ଜିଲ୍ଲାର ପୋଲିସ, ବ୍ୟାରିକେଡ଼କୁ ଖୋଲା ରଖିଦେଲା । ଫଳରେ କିଛି ଗାଡ଼ି ଚାଳକ ଘାଟି ରାସ୍ତା ଦେଇ, ଗଂଜାମ ସୀମାନ୍ତ ଦୁର୍ଗାପ୍ରସାଦ ନିକଟକୁ ଆସିଥିଲେ । ସେଠାରେ ଗଂଜାମ ପ୍ରଶାସନ ପକ୍ଷରୁ ଭଂଜନଗର ପୋଲିସ ବ୍ୟାରିକେଡ଼ ହଟାଇ ନଥିଲେ । ଫଳରେ ଉକ୍ତ ବ୍ୟାରିକେଡ଼ ଭାଙ୍ଗି ଭଂଜନଗର ଅଭିମୁଖେ ଆସିଥିବା ଏକ କାର୍ କୁ ଶ୍ରୀରାମ ନଗରର ଠାରେ ଅଟକାଇଥିଲା ଭଂଜନଗର ପୋଲିସ । ପଛକୁ ପଛ ଅଧିକାଂଶ ଗାଡ଼ି କଳିଙ୍ଗା ଘାଟି ଦେଇ ଗଂଜାମ



ଭିତରକୁ ଆସିଥିଲେ ।

କିଛି ସମୟ ପାଇଁ ଟ୍ରାଫିକ ବ୍ୟବସ୍ଥାରେ ଅସୁବିଧା ସୃଷ୍ଟି ହୋଇଥିଲା । ସଂପୃକ୍ତ କାର୍ ଚାଳକଙ୍କୁ ଜରିମାନା ମଧ୍ୟ କରାଯାଇଥିଲା । ଘଟଣା ସ୍ଥଳରେ ଭଂଜନଗର ଏସଡିପିଓ, ଥାନାଧିକାରୀ ଏବଂ ସଡକ ପରିବହନ ବିଭାଗର ଅଧିକାରୀ ମାନେ ପହଞ୍ଚିଥିଲେ । ତେବେ ସାଧାରଣରେ ଗୋଟିଏ ପ୍ରଶ୍ନ ଉଠିଥିଲା, କଳିଙ୍ଗା ଘାଟିର ବିପଦ ସଙ୍କୁଳ ଅବସ୍ଥାକୁ ଦୃଷ୍ଟିରେ ରଖି ସରକାରୀ ନିର୍ଦ୍ଦେଶ ପ୍ରକାରେ ଉଭୟ ଜିଲ୍ଲା ପ୍ରଶାସନ କଟକଣା ଲଗାଇଥିଲେ । ଗଂଜାମ ଜିଲ୍ଲା ପୋଲିସ ଉକ୍ତ ନିର୍ଦ୍ଦେଶନାମାକୁ ପାଳନ କରିଥିବା ବେଳେ, କନ୍ଧମାଳ ପୋଲିସ ଉକ୍ତ କଟକଣାକୁ ଅଣଦେଖା କଲା କେମିତି ? ସାଧାରଣ ଲୋକେ ଆଇନ୍‌ର ଉଲଂଘନ କଲେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି, ହେଲେ କନ୍ଧମାଳ ପୋଲିସ ପକ୍ଷରୁ ହୋଇଥିବା ଏଭଳି ଭୁଲ୍ ପାଇଁ, କି ବ୍ୟବସ୍ଥା ଗ୍ରହଣ କରାଯାଉଛି ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ମୟୂରଭଞ୍ଜରେ ମାଲବାହୀ ରେଳ ରେକ୍ ପଏଣ୍ଟ ପ୍ରତିଷ୍ଠା ପାଇଁ
ସାଂସଦ ଦିଲୀପ ରାୟଙ୍କ ରେଳମନ୍ତ୍ରୀଙ୍କୁ ଚିଠି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଶିଳ୍ପ ଓ ବାଣିଜ୍ୟକ ବିକାଶ ସହ ମାଲ ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ବାରିପଦା ନିକଟରେ ଏକ ମାଲବାହୀ ରେଳ ରେକ୍ ପଏଣ୍ଟ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏନେଇ ରାଜ୍ୟସଭା ସାଂସଦ ଦିଲୀପ କୁମାର ରାୟ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି କୁଳିଆଣା ତହସିଲ ଅନ୍ତର୍ଗତ କୁଚେଇ ରେଳଷ୍ଟେସନ ନିକଟରେ ଏହି ପ୍ରକଳ୍ପ ପ୍ରତିଷ୍ଠାର ସମ୍ଭାବ୍ୟତା ଅନୁଧାନ କରିବାକୁ ଅନୁରୋଧ କରିଛନ୍ତି । ଗତ ନଭେମ୍ବର ୨ ତାରିଖରେ ଲେଖିଥିବା ପତ୍ରରେ ସାଂସଦ ଦର୍ଶାଇଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର ରେଳ ସଂଯୋଗର ଇତିହାସ ଏକ ଶତାବ୍ଦୀରୁ ଅଧିକ ପୁରୁଣା । ଖଣିଜ ସମ୍ପଦ ଓ ଶିଳ୍ପ କ୍ଷେତ୍ରର ବିକାଶରେ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ମଧ୍ୟ ଜିଲ୍ଲା ମୁଖ୍ୟାଳୟ ବାରିପଦା ନିକଟରେ ସ୍ୱତନ୍ତ୍ର ମାଲବାହୀ ରେଳ ରେକ୍ ଲୋଡିଂ ଓ ଅନଲୋଡିଂ ସୁବିଧା ନାହିଁ । ଫଳରେ ସ୍ଥାନୀୟ ବ୍ୟବସାୟୀ ଓ ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରାୟ ୬୦ କିଲୋମିଟର ଦୂରରେ ଥିବା ପଡ଼ୋଶୀ ଜିଲ୍ଲାର ରେଳ ସୁବିଧା ଉପରେ ନିର୍ଭର କରିବାକୁ ପଡୁଛି । ଏଥିଯୋଗୁଁ ପରିବହନ ଖର୍ଚ୍ଚ ବଢ଼ିବା ସହ ବିଭିନ୍ନ ପରିଚାଳନାଗତ ସମସ୍ୟା ଉପୁଜୁଛି । ଏହାର ସମାଧାନ ପାଇଁ କୁଚେଇ ରେଳଷ୍ଟେସନ ନିକଟରେ ମାଲବାହୀ ରେଳ ରେକ୍ ପଏଣ୍ଟ ପ୍ରତିଷ୍ଠା ପ୍ରସ୍ତାବ ଦିଆଯାଇଛି । ଏହାଦ୍ୱାରା ପରିବହନ ଖର୍ଚ୍ଚ ହ୍ରାସ ପାଇବା ସହ ବାଣିଜ୍ୟିକ କାର୍ଯ୍ୟକଳାପରେ ଗତି ଆସିବ ଏବଂ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି ହେବା ଆଶା କରାଯାଉଛି । ସାଂସଦ ଶ୍ରୀ ରାୟ ଏହି ପ୍ରସ୍ତାବର ବୈଷୟିକ, ପରିଚାଳନାଗତ ଓ ବାଣିଜ୍ୟକ ଦିଗକୁ ଅନୁଧାନ କରି ଏହାର ସମ୍ଭାବ୍ୟତା ନିର୍ଦ୍ଧାରଣ କରିବାକୁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

ପାର୍କିଂ କାର୍ ଉପରେ ଚଢ଼ିଗଲା ପିକ୍‌ଅପ୍ ଭ୍ୟାନ୍ ଓ ଟ୍ରକ୍

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଛତ୍ରପୁର ଡିଆରଡିଏ ଛକ ନିକଟ ଜାତୀୟ ରାଜପଥରେ ଶନିବାର ଏକ ଅଜବ ତଥା ଅଭାବନୀୟ ସଡ଼କ ଦୁର୍ଘଟଣା ଘଟିଛି । ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା ଏକ କାର୍ ଉପରେ ଟିପିଏସ୍‌ଓଡିଏଲର ସଚେତନତା ପିକ୍‌ଅପ୍ ଭ୍ୟାନ୍ ଓ ଏକ ଟ୍ରକ୍ ଚଢ଼ିଯିବା ଫଳରେ କାରଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ତେବେ ସୌଭାଗ୍ୟବଶତଃ କାର୍ ମାଲିକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କାର୍ ଡିଆରଡିଏ ଛକ ନିକଟ ଜାତୀୟ ରାଜପଥ



ପାର୍ଶ୍ୱରେ ଅଟକି ରହିଥିଲା । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟିପିଏସ୍‌ଓଡିଏଲର ସଚେତନତା ପିକ୍‌ଅପ୍ ଭ୍ୟାନ ଭୁବନେଶ୍ୱରରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା । ଧକ୍କା ଫଳରେ ଉଭୟ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା କାର୍ ଉପରେ ପଡ଼ିଯାଇଥିଲେ । ଏଥିରେ କାରଟି ଚାପି ହୋଇ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା । କାରରୁ ଓହ୍ଲାଇ ପଡ଼ିଥିବା ବ୍ରହ୍ମପୁରର ରଜତ ପାଣିଗ୍ରାହୀ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ ଛତ୍ରପୁର ଥାନା ପୁଲିସ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜେସିବି ସହାୟତାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତା (ପୁରୁଷ ଓ ମହିଳା)-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଉଭୟ ପୁରୁଷ ଓ ମହିଳା ବର୍ଗରେ ଚାମ୍ପିୟନ ହୋଇ ଦ୍ୱିମୁକୁଟ ହାସଲ କରିଛି । କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ସମେତ ୧୬ଟି ଅନୁବନ୍ଧିତ ମହାବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ । ପୁରୁଷ ବର୍ଗରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମହିଳା ବର୍ଗରେ ସରକାରୀ ମହିଳା ମହାବିଦ୍ୟାଳୟ ରନର୍ସଅପ୍ ହୋଇଥିଲେ । ପୁରୁଷ ବର୍ଗରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଶାନ୍ତନୁ କୁମାର ସିଂହ ଏବଂ ମହିଳା ବର୍ଗରେ ସରକାରୀ ମହିଳା ମହାବିଦ୍ୟାଳୟର ମହେଶ୍ୱରୀ ସିଂହ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ ।

ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ସହକାରୀ କୁଳସଚିବ ସଞ୍ଜୀବ କୁମାର ତନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଓ ଉପବିଜୟୀ ଦଳ ସହ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଚେସ୍ ଖେଳ ଛାତ୍ରଛାତ୍ରୀଙ୍କ ଏକାଗ୍ରତା, ଧୈର୍ଯ୍ୟ, ତର୍କଶକ୍ତି ଓ ନିଷ୍ପତ୍ତି ଗ୍ରହଣ କ୍ଷମତାର ବିକାଶ କରିବା ସହ ଜୀବନରେ ଶୃଙ୍ଖଳା ଓ ରଣନୈତିକ ଚିନ୍ତନର ଗୁରୁତ୍ୱ ଶିଖାଇଥାଏ ବୋଲି ସେ ମତପ୍ରକାଶ କରିଥିଲେ । ଏମ୍‌ପିସି ମହାବିଦ୍ୟାଳୟର ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଏସ୍.ଏନ୍. ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳା, ପାରସ୍ପରିକ ସହଯୋଗ ଓ କ୍ରୀଡ଼ାମନୋଭାବର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ରଥ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ରଞ୍ଜନ ଦାଶ, ସୁଖଦେବ ସୋରେନ ଓ ତୁମୁଣି ମାରାଣ୍ଡିଙ୍କ ସମେତ ଆୟୋଜକ ଦଳର ସଦସ୍ୟମାନେ ପ୍ରତିଯୋଗିତାର ସଫଳ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଜୟୀ ଓ ଉପବିଜୟୀ ଦଳ ସହ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବା ପରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା ।

ସଡ଼କ ଦୁର୍ଘଟଣା ଦୁଇ ଯୁବକ ଗୁରୁତର

ଛତ୍ରପୁର, (ସବ୍ୟୁ): ତାମ୍ପରା ନିକଟ ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଦୁଇ ଯୁବକ ହେଲେ ମିଥୁନ ସ୍ୱାଇଁ ଓ ପ୍ରଦୀପ ସାହୁଛ ଉଭୟଙ୍କୁ ଚିକିତ୍ସା ପାଇଁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଉଭୟ ଗୋଟିଏ ବାଇକ୍‌ରେ ଯାଉଥିବା ସମୟରେ ତାମ୍ପରା ନିକଟ ଜାତୀୟ ରାଜପଥରେ ହଠାତ ଦୁର୍ଘଟଣାର ଶିକାର ହୋଇଥିଲେ। ତେବେ ଦୁର୍ଘଟଣା କିପରି ଘଟିଲା, ତାହାର ସଠିକ୍ କାରଣ ଜଣାପଡ଼ିନାହିଁ। କୌଣସି କୋଣସି ଗାଡ଼ି ବାଇକୁକ ଧକ୍କା ଦେଇ ଚାଲିଯାଇଛି ନା ଦୁଇ ଯୁବକ ନିୟନ୍ତ୍ରଣ ହରାଇ ଡିଭାଇଡର୍‌ରେ ପିଟି ହୋଇଛନ୍ତି, ସେନେଇ ସ୍ପଷ୍ଟତା ମିଳିନାହିଁ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଓ ରାସ୍ତାରେ ଯାଉଥିବା କିଛି ଯୁବକ ତୁରନ୍ତ ସହାୟତାରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା।

ବାତ୍ୟା ପୂର୍ବରୁ ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ସ୍ଥାନାନ୍ତରଣରେ ଗୋପାଳପୁର ବନ୍ଦରର ସହାୟତା

ଛତ୍ରପୁର, (ସବ୍ୟୁ): ବାତ୍ୟା ଅକଭାନ୍‌ର ପ୍ରଭାବକୁ ଦୃଷ୍ଟିରେ ରଖି ସ୍ଥାନୀୟ ଗର୍ଭବତୀ ମହିଳାଙ୍କ ସୁରକ୍ଷା ଓ ସମୟୋଚିତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋପାଳପୁର ବନ୍ଦରର ସାମାଜିକ ଦାଇବୋଧ ଶାଖା ଆଦାନୀ ଫାଉଣ୍ଡେସନ ପକ୍ଷରୁ ମାନବିକ ପଦକ୍ଷେପ ନିଆଯାଇଛି। ଗୋପାଳପୁର ବନ୍ଦର ପାଶ୍ୱର୍ବର୍ତ୍ତୀ ଗ୍ରାମ ତଥା ଆର୍ଯ୍ୟପଲ୍ଲୀ ଓ ମାଟିଖାଇ ଗ୍ରାମର ପ୍ରସବ ତାରିଖ ନିକଟବର୍ତ୍ତୀ ଥିବା ପାଖାପାଖି ୬ ଜଣ ଗର୍ଭବତୀ ମହିଳାଙ୍କୁ ଆଗୁଆ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତରଣରେ ଆଦାନୀ ଫାଉଣ୍ଡେସନ ସହାୟତା କରିଛି । ସେମାନଙ୍କ ମଧ୍ୟରୁ ୩ ଜଣ ମହିଳା ଇତିମଧ୍ୟରେ ସନ୍ତାନ ପ୍ରସବ କରିଛନ୍ତି । ବାତ୍ୟା ସମୟରେ ଯାତାୟାତ ଓ ଚିକିତ୍ସା ସେବାରେ ସମ୍ଭାବ୍ୟ ବାଧାକୁ ଆଖି ଆଗରେ ରଖି ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ପ୍ରସବ ନିକଟବର୍ତ୍ତି ଥିବା ମହିଳାମାନଙ୍କୁ ଚିହ୍ନଟ କରାଯିବାପରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ସେମାନଙ୍କୁ ଯଥା ସମୟରେ ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାଇବାରେ ସହଯୋଗ କରିଥିଲେ । ଏହାସହ ବାତ୍ୟା ସମୟରେ ଯେକୌଣସି ସ୍ୱାସ୍ଥ୍ୟଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ନିୟୋଜିତ ମୋବାଇଲ୍ ହେଲଥ କେୟାର ୟୁନିଟ୍ ଲଗାତାର ଦୁଇ ଦିନ ଧରି ସମ୍ପୂର୍ଣ୍ଣ ସକ୍ରିୟ ରହିଥିଲା ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ନିରବିଚ୍ଛିନ୍ନ ଯୋଗାଯୋଗ ସ୍ଥାପନ କରିପାରିଥିଲା।

ଅବକାରୀ ଚଢ଼ାଉ: ୨୭.୬୬୦ ଲିଟର ନକଲି ମଦ, ୫୦ କେ.ଜି ଜଞ୍ଜୋଇ ଜବତ, ୪ ଗିରଫ

ଭଞ୍ଜନଗର, (ସବ୍ୟୁ) : ବିଭିନ୍ନ ସ୍ଥାନରେ ଚଢାଉ କରି ଅବକାରୀ ପୋଲସି ବିପୁଳ ନକଲି ମଦ ଓ ଗଞ୍ଜେଇ ଜବତ କରିଛି । ଗଞ୍ଜାମ ଜିଲ୍ଲାରେ ନକଲି ମଦ କାରବାର ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଦୁଇଟି ପୃଥକ ସ୍ଥାନରେ ଚଢ଼ାଉ କରି ୨୭.୬୬୦ ଲିଟର ନକଲି ବିଦେଶୀ ମଦ ଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ଖବର ନେବାରେ ଗୋଚାବାଡ଼ି ଛକଠାରେ ଚଢ଼ାଉ କରି ୫.୬୬୦ ଲିଟର ନକଲି ମଦ ଏବଂ ଠଡ଼ି -୦୯-୫୨୭୦ ନମ୍ବର ବିଶିଷ୍ଟ ଏକ ହିରୋ ଓ୍ୱିଗୋ ସ୍କୁଟି ଜି. ଅଭିମନ୍ୟୁ ପ୍ରଧାନ (୩୨) ଓ ସିଲ୍ଲୁ ସେନାପତି (୨୧)ଙ୍କୁ ଗିରଫ କରାଯାଇଥିବା ସେହିପରି ବୁଡୁରୁଙ୍କୁ ଗ୍ରାମ ଛକଠାରେ ଚଢାଇ କରି ଅଭିଯୁକ୍ତ ପଞ୍ଚାନନ ସେନାପତି (୩୪)ଙ୍କ ଠାରୁ ବାଇକ୍ ସହ ୨୧୯୦୦ ନକଲି ଦେଶୀ ମଦ ଜବତ କରାଯାଇଥିଲା । ଏହି ଦୁଇଟି ସ୍ଥାନରେ ଚଢ଼ାଉ କରି ମୋଟ ୨୭.୬୬୦ ଲିଟର ନକଲି ମଦ ଓ ଦୁଇଟି ଗାଡ଼ି ଜବତ ହୋଇଥିବାବେଳେ ୩ ଜଣ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ସେହିପରି କନ୍ଧମାଳରୁ ଗଂଜାମ ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏହି ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଏକ କାର୍ ଜବତ କରିଛି ପୋଲିସ । ଶୁକ୍ରବାର ସକାଳ ସମୟରେ ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲି ଓ ସୋରାଦେବୀ ରାସ୍ତାରେ ଏକ ଗଞ୍ଜେଇ ଚୋରା ଚାଲାଣ ନେଇ ପୁଲିସ କମିଟାରୀ ଚଢ଼ାଉ କରିଥିଲା । ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚୋରା କାରବାର ପଛରେ ଆଉ କାହାର ହାତ ରହିଛି, ସେ ନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି ।

ମୟୂରଭଞ୍ଜୀ ଜୀବନ୍ତ ଐତିହ୍ୟ ମହୋତ୍ସବ ୨୭ରୁ ୨୯ ତିନିଦିନ ଧରି ସ୍ୱେନ୍ ଓ୍ୟୁକେ କଳାକାରଙ୍କ ସହ ମିଶିବ ତିନି ଛଉ ପରମ୍ପରା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ସମୃଦ୍ଧ କଳା, ସଂସ୍କୃତି ଓ ଜୀବନ୍ତ ଐତିହ୍ୟକୁ ଏକ ବିଶ୍ୱସ୍ତରୀୟ ମଞ୍ଚରେ ପ୍ରଦର୍ଶିତ କରିବା ଲକ୍ଷ୍ୟରେ ଆସନ୍ତା ୨୭ରୁ ୨୯ ନଭେମ୍ବର ପର୍ଯ୍ୟନ୍ତ ବାରିପଦାର ଐତିହାସିକ ବେଲଗଡ଼ିଆ ପ୍ୟାଲେସ୍ ପରିସରରେ ମୟୂରଭଞ୍ଜ ଜୀବନ୍ତ ଐତିହ୍ୟ ମହୋତ୍ସବ୨୦୨୬ ଆୟୋଜିତ ହେବ । ଆକ୍ସିସ୍ ବ୍ୟାଙ୍କ ଫାଉଣ୍ଡେସନ୍‌ର ସହଯୋଗରେ କଣ୍ଟାକଫ ବେସ୍ (ବାଙ୍ଗଲା ନାଟକ ଡଟ୍ କମ୍) ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ମହୋତ୍ସବ ମୟୂରଭଞ୍ଜର ନୃତ୍ୟ, ସଙ୍ଗୀତ, ଲୋକକଳା ଓ ହସ୍ତଶିଳ୍ପର ବିବିଧ ପରମ୍ପରାକୁ ଏକ ମଞ୍ଚରେ ଏକତ୍ରିତ କରିବ । ଏହା ଜିଲ୍ଲାର ସାଂସ୍କୃତିକ ପରିଚୟକୁ ଆହୁରି ସମୃଦ୍ଧ କରିବା ସହ ପର୍ଯ୍ୟଟନ ଓ କଳାକାରଙ୍କ ଜୀବିକା ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, କଣ୍ଟାକଫ ବେସ୍ ଓ ବାଙ୍ଗଲା ନାଟକ ଡଟ୍ କମ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାଞ୍ଜନ ରାୟ ଚୌଧୁରୀ, ମୁଖ୍ୟ ପ୍ରବ

ମଦ ଧରିବାକୁ ଆସିଲାନି ଅବକାରୀ ବିଭାଗ

ନିଜେ ମଦ ଧରି କାର୍ଯ୍ୟାଳୟରେ ପହଞ୍ଚିଲେ ମହିଳା ଗୋଷ୍ଠୀ



ଢେଙ୍କାନାଳ, (ସବୁ୍ୟ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅବକାରୀ ଥାନା ଅଞ୍ଚଳରେ ବେଆଇନ ମଦ କାରବାରକୁ ନେଇ ଅସନ୍ତୋଷ ତିବ୍ର ହେବାରେ ଲାଗିଛି । ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ମହିଳା ଗୋଷ୍ଠୀଙ୍କ ଉଦ୍ୟମ ଚଳାଇଥିବା ବେଳେ ସହଯୋଗ କରିବାରେ ଅବକାରୀ ବିଭାଗଟାଳଟୁଳ ନିତୀ ଅବଲମ୍ବନ କରୁଛି । ମଦ ଧରିବାକୁ ମହିଳା ଗୋଷ୍ଠୀ ଅବକାରୀ ବିଭାଗକୁ ସୂଚନା ଦେଲେ ମଧ୍ୟ ମଦ ଧରିବାକୁ କର୍ଣ୍ଣପାତ କରିଲା ନାହିଁ ଅବକାରୀ ବିଭାଗ । ଶେଷରେ ମହିଳା ଗୋଷ୍ଠୀ ନିଜେ ମଦ ଜବତ କରି ଏକ ଅଟୋ ଯୋଗେ ଜବତ ମଦକୁ ଧରି ବିଭାଗୀୟ କାର୍ଯ୍ୟାଳୟରେ ହସ୍ତାନ୍ତର କରିବା ଘଟଣା ଅବକାରୀ ବିଭାଗକୁ ଶକ୍ତ ଧାକ୍କା ଲାଗିଛି । କାମାକ୍ଷାନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ବିପୁଳ ପରିମାଣର ବିଦେଶୀ ଓ ଦେଶୀ ମଦ ବେଆଇନ ଭାବେ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି । ଏହାକୁ ନେଇ ମହିଳା ଗୋଷ୍ଠୀ ପକ୍ଷରୁ ଗ୍ରାମେ ଗ୍ରାମେ ସଚେତନତା ସୃଷ୍ଟି କରାଯାଉଥିଲା । ତେବେ ଆଜି ଅଁଳାବେରଣୀ ଗ୍ରାମର ବିଭିନ୍ନ ସାହିରେ ଖୋଲାଖୋଲି ଭାବେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ଉଠିଛି । ଏପରିକି ଘରେ ଘରେ ମଦ ବିକ୍ରି ହେଉଥିବା ମହିଳାମାନେ କହିଛନ୍ତି । ମଦ ବିକ୍ରି ବନ୍ଦ କରିବା ଏବଂ ବେଆଇନ ମଦ ଜବତ କରିବା ପାଇଁ ମହିଳା ଗୋଷ୍ଠୀ ପକ୍ଷରୁ ଅବକାରୀ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲା । କିନ୍ତୁ ବିଭାଗୀୟ ଅଧିକାରୀ ଗ୍ରାମରେ ପହଞ୍ଚି ନଥିବା ଅଭିଯୋଗ କରିଛନ୍ତି ମହିଳାମାନେ । ଶେଷରେ ଏକାଠି ହୋଇ ମହିଳା ଗୋଷ୍ଠୀ ୩ ବସ୍ତା ଦେଶୀ ମଦ ଜବତ କରି କାମାକ୍ଷାନଗର ଅବକାରୀ କାର୍ଯ୍ୟାଳୟରେ ପହଞ୍ଚି ମଦ ହସ୍ତାନ୍ତର କରିଛନ୍ତି ।

ଗୋଟିଏ ପଟେ ମଦ ବିରୋଧରେ ମହିଳାଙ୍କ ଏହି ଅଭିଯାନ ଏବଂ ଅନ୍ୟ ପଟେ ଅବକାରୀ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଏବେ ପ୍ରଶ୍ନ ଉଠିଛି । ତେବେ ମହିଳା ମାନେ ମଦ ଜବତ କରି ବାରମ୍ବାର ଅବକାରୀ ବିଭାଗକୁ ଜଣାଇଥିଲେ ମଧ୍ୟ କାହିଁକି ଅବକାରୀ ବିଭାଗ ଗାଁକୁ ଯାଇ ମଦ ଜବତ କଲାନାହିଁ, ସେ ସଂପର୍କରେ ଅବକାରୀ ବିଭାଗ ଅଧିକାରିଣୀ କ୍ୟାମେରା ସମୁଖରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି ।

ଭିଜିଲାନ୍ସ ଜାଲରେ ସାତକୋଶିଆ ଡିଏଫଓ ଅଫିସ ସହାୟକ



ଅନୁଗୋଳ, (ସବୁ୍ୟ) : ସରକାରୀ ଅର୍ଥ ହଡପ ଅଭିଯୋଗରେ ଅନୁଗୋଳ ସାତକୋଶିଆ ବଣ୍ୟପ୍ରାଣୀ ବନଖଣ୍ଡର ବରିଷ୍ଠ ସହାୟକ ଅଜୟ କୁମାର ନାଏକଙ୍କୁ ଗିରଫ କରିଛି ଓଡିଶା ଭିଜିଲାନ୍ସ ବିଭାଗ ।

ଏଚଆରଏମଏସ ପୋର୍ଟାଲ ବିଲରେ ଅବସରପ୍ରାପ୍ତ ଓ ମୃତ କର୍ମଚାରୀ ମାନଙ୍କ ନାମରେ ଜାଲ ବିଲ ପ୍ରସ୍ତୁତ କରି ୧ କୋଟି ୨୩ ଲକ୍ଷ ୫୨ ହଜାର ୫୪୭ ଟଙ୍କା ହଡପ କରିଥିବା ତଦନ୍ତରୁ ଜଣାପଡିଛି । ଭିଜିଲାନ୍ସ ବିଭାଗ ଅଜୟଙ୍କୁ କୋର୍ଟରେ ହାଜର କରିଥିଲେ କିନ୍ତୁ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ଅଜୟ ଅକେଫାବର ମାସରୁ ଫେରାର ଥିଲେ । ଆଜି ଅନୁଗୋଳ ସହରରେ ତାଙ୍କୁ ଧରାଯାଇଥିଲା ।

ଜିଲ୍ଲାପାଳଙ୍କ ତାଳଚେର ଗସ୍ତ : ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ତାଳଚେର, (ସବୁ୍ୟ) : ଅନୁଗୋଳ ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ୍ ଅବଦୁଲ୍ଲ ଏମ ଅଖତର ଆଜି ତାଳଚେର ପୌରାଟଂଳ ଗସ୍ତକରି ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଏହି ଗସ୍ତରେ ତାଳଚେର ଉପଜିଲ୍ଲାପାଳ ପ୍ରଜ୍ଞାନନ୍ଦନ ଗିରି ଉପସ୍ଥିତ ଥିଲେ। ସେ ୧୭ନଂ ୱାର୍ଡ଼ ଡ଼ିମରଗୁଡ଼ି ସାହି ଫେବରବୁକ ରୋଡ଼, ୧୫-୨୦ନଂ ୱାର୍ଡ଼ ଆଇଟିଆଇ ଛକ ଫେବର ବୁକ ରୋଡ଼, ୨୦ନଂ ୱାର୍ଡ଼ ସିସିଡ୍ରେନ ଏବଂ ୫ନଂ ୱାର୍ଡ଼ ଥାନାସାହି ଫେବରବୁକ ରୋଡ଼ ପରିଦର୍ଶନ କରିଥିଲେ । ଏହା ବ୍ୟତୀତ ସେ ୭ନଂ ୱାର୍ଡ଼ ସ୍ଥିତ ଅଙ୍ଗନାବାଡ଼ି କେନ୍ଦ୍ର, ୱାର୍ଡ଼ ୧ର ଜଗନ୍ନାଥ ପାର୍କ ଏବଂ ରାଜବାଙ୍ଗା ନିକଟସ୍ଥ ସେତୁର ତଦାରଖ କରିଥିଲେ ।

କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲାପାଳ ଶ୍ରୀ ଅଖତର ବିଭାଗୀୟ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଯେପରିକି ସ୍ଥାନୀୟ ଅଂଚଳର ବାସ୍ତବ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ କରି ପୁନର୍ବ୍ୟାସ କରିବାକୁ ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସହରରେ ଜଳନିଷ୍କାସନ ସମସ୍ୟା ଦୂର କରିବାକୁ ସଠିକ ଡ୍ରେନ ଭିତିଭୂମି ନିର୍ମାଣ ସହ ଭଙ୍ଗାରୁଜା ଜନିତ ଆବର୍ଜନଗୁଡ଼ିକୁ ଠିକ ସମୟରେ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉନ୍ନୟନ ମୂଳକ କାର୍ଯ୍ୟର ଗୁଣବତା ବଜାୟ ରଖି ଧାର୍ଯ୍ୟ ସମୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ହିନ୍ଦୋଳ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ ଶିବିର

ରାସୋଳ, (ସବୁ୍ୟ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟା ଅଡିଟୋରିଅମରେ ୧୯ତାରିଖ ଦିନ ଭୁବନେଶ୍ୱର ସ୍ଥିତ ସେଆୁରିଅନ୍ ୟୁନିଭର୍ସିଟି ସହଭାଗିତାରେ ନୂତନ ଯୁଗର ଦକ୍ଷତା-ସମନ୍ୱିତ ଉଚ୍ଚଶିକ୍ଷା କ୍ଷେତ୍ରରେ କ୍ୟାରିୟର ସୁଯୋଗ ଶୀର୍ଷକ କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅଧ୍ୟାପକ କ୍ୟାପଟେନ୍ ଡ଼ଃ କିଶୋର କୁମାର ପୃଷ୍ଟି ସ୍ୱାଗତ ଭାଷଣ ଦେବା ସହିତ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଏଥିରେ ସେଆୁରିଅନ୍ ୟୁନିଭର୍ସିଟିର କର୍ମକର୍ତ୍ତା ରଶ୍ମି ରଞ୍ଜନ ପରିଡ଼ା, ଡ଼ଃ ସୌଭାଗ୍ୟଲକ୍ଷ୍ମୀ ବେହେରା, ଡ଼ଃ ତୋଜାଲିସା ସାହୁ ଓ ଡ଼ଃ ଜ୍ୟୋତିମୟୀ ସାହୁ ବିସ୍ତୃତ ଭାବରେ ସବିଶେଷ ତଥ୍ୟ ଆଲୋକପାତ କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଯୁକ୍ତ୩ କଳା , ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ଯୁବମୋର୍ଚ୍ଚା ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

ଆଠମଲ୍ଲିକ, (ସବୁ୍ୟ) : ବିଜେପି ତରଫରୁ ତଥା ଜିଲ୍ଲା ଭାଜପା ସଭାପତି ଯଯାତି ପଟ୍ଟନାୟକ ଓ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସିଦ୍ଧାର୍ଥ ରାଉତରାୟଙ୍କ ଅନୁମୋଦନ କ୍ରମେ ବିଜେପି ଯୁବମୋର୍ଚ୍ଚା ଆଠମଲ୍ଲିକ ଏନଏସିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରା ଯାଇଛି । ସଭାପତି ଭାବରେ ଯୁବରାଜ ବେହେରା, ଉପସଭାପତି ଭାବରେ ସୂର୍ଯ୍ୟାଂଶୁ ଜ୍ୟୋତିଷରାୟ, ଉପସଭାପତି ଭାବରେ ଅଂଶୁମାନ ବଘାର, ଉପସଭାପତି ଭାବରେ ସମ୍ବିତ କୁମାର ମାହାର, ସାଧାରଣ ସମ୍ପାଦକ ଭାବରେ ରାଜେନ୍ଦ୍ର ସିଂ ସାମନ୍ତ, ସାଧାରଣ ସମ୍ପାଦକ ମନୀଷ ହରିଚନ୍ଦନ, ସମ୍ପାଦକ ସୁଦୀପ୍ତ ମିଶ୍ର, ସମ୍ପାଦକ ଦିନେଶ ବେହେରା, ସମ୍ପାଦକ ଭାବରେ ପ୍ରଭାକର ଡାଙ୍ଗ, କୋଷାଧକ୍ଷ ଭାବରେ ରାଜେଶ ସିଂ, ସଭ୍ୟ ମାନେ ରାହୁଲ ପ୍ରଧାନ, ଶୁଭମ ନାଏକ, ପ୍ରିୟବ୍ରତ ସେଠୀ, ଅଙ୍କିତ ନାଏକ, ରମନ ପ୍ରଧାନ, ରଞ୍ଜି ପ୍ରଧାନ, ଭଗଲ ସିଂ, ସମୀର କୁମାର ସାହୁ, ଉତ୍କଳ ପାତ୍ର, ଦୀପକ ବେହେରା, ରାଜା ପାତ୍ର, ଆୟୁଷ ଅଗ୍ରୱାଲ ପ୍ରମୁଖ ମନୋନୀତ ହୋଇଛନ୍ତି । ନୂତନ କର୍ମକର୍ତ୍ତାଙ୍କୁ ବିଜେପି ତରଫରୁ କୃତଜ୍ଞତା ଜଣା ଯାଇଛି । ବିଜେପିକୁ ଏନଏସିରେ ଆହୁରି ଶକ୍ତିଶାଳୀ କରାଯିବ ନୂତନ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି ।

ବିଦ୍ୟୁତ୍ କଟିଲେ ବ୍ୟାଙ୍କ ସେବା ବ୍ୟାଘାତ

ଠାକୁରଗଡ, (ସବୁ୍ୟ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବୁକ ପାଇକସାହି ଠାରେ ଥିବା ବରୋଦା ବ୍ୟାଙ୍କରେ ସଠିକ ସେବା ମିଳୁ ନାହିଁ । ଫଳରେ ଗ୍ରାହକ ମାନେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଏହି ବ୍ୟାଙ୍କରେ କୌଣସି ପ୍ରକାର ଜେନରେଟର କିମ୍ବା ଇନଭେଟର ନଥିବା ଯୋଗୁଁ ବିଦ୍ୟୁତକାଟ ହେଲେ ସେବା ମିଳୁ ନାହିଁ । ଏନେଇ ସ୍ଥାୟୀ ସମାଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ବ୍ୟାଙ୍କ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସମାଧାନ ହେଉନାହିଁ । ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଶନିବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଅଞ୍ଚଳବାସୀ କହିବା ଅନୁଯାୟୀ ଏହି ବ୍ୟାଙ୍କ ଉପରେ ପାଇକସାହି, ସାପଘରା, ଟାପଡୋଲ, କନ୍ତପଡା, ସାନହୁଲା, ପେଡିପଥର, ଆଦି ପଞ୍ଚାୟତର ଲୋକେ ବ୍ୟାଙ୍କ ସେବା ପାଇଁ ନିର୍ଭରଶୀଳ ହେଉଛନ୍ତି । ହେଲେ ସଠିକ ଭାବରେ ସେବା ଯୋଗାର ଦିଆଯାଉନାହିଁ । ବିଦ୍ୟୁତ୍ କାଟ ଘଣ୍ଟା ଘଣ୍ଟା ହେଉଥିବା ବେଳେ ସେଇ ସମୟରେ ବ୍ୟାଙ୍କ ସେବା ଠପ ହୋଇ ପଡିଛି । ଅନେକ ବୃଦ୍ଧା, ବୃଦ୍ଧ ଆସି ସେମାନଙ୍କ ଭତା ଟଙ୍କା ଉଠାଣ ପାଇଁ ଘଣ୍ଟା ଘଣ୍ଟା ଠିଆ ହେଉଛନ୍ତି । ଶ୍ରମିକ ମାନେ ସେମାନଙ୍କର ମଜୁରି ଟଙ୍କା ଉଠାଣ ପାଇଁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ୟାଙ୍କ ଆଧୁନିକ କରଣ କରାଯାଇଥିଲେ ମଧ୍ୟ ଜେନରେଟର କିମ୍ବା ଇନଭଟର ବ୍ୟବସ୍ଥା କରାଯାଇ ନାହିଁ । ଫଳରେ ବ୍ୟାଙ୍କ ସେବା ସଠିକ ଭାବରେ ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

ମାଆ କୁଣ୍ଢେଇବିରା ମନ୍ଦିରର ପୂର୍ଣ୍ଣାଙ୍ଗ ପାଇଁ

ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀଙ୍କ ମାତାଙ୍କ ୧୦ଲକ୍ଷ ଟଙ୍କା ଦାନ, ସାଧାରଣରେ ପ୍ରଶଂସା



ପାଲଲହଡା, (ସବୁ୍ୟ) : ରାଜାରାଜୁଡା ଅମଳରୁ ସ୍ଥାପିତ ପାଲଲହଡାର ଆରାଧ୍ୟ ଗ୍ରାମଦେବୀ ମାଆ କୁଣ୍ଢେଇବିରାଙ୍କ ମନ୍ଦିରର ପୂର୍ଣ୍ଣାଙ୍ଗ ପାଇଁ ଶନିବାର ସକାଳ ୧୧ଟା ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ତଥା ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାତା ତଥା ପାଲଲହଡା ମାଟିର ଝିଅ ଶ୍ରୀମତୀ ବସନ୍ତ ମଞ୍ଜରୀ ପ୍ରଧାନ ମା' କୁଣ୍ଢେଇବୀରାଙ୍କ ମନ୍ଦିର ଯାଇ ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ ନିମନ୍ତେ ନଗଦ ଦଶ ଲକ୍ଷ ଟଙ୍କା ଦାନ କରିଥିଲେ । ମାକୁଣ୍ଢେଇବୀରା ଉନ୍ନୟନ ପରିଷଦର ସଭାପତି. ସମ୍ପାଦକ ଏଂ ସମସ୍ତ କର୍ମକର୍ତ୍ତା ସେହି ଦାନ ଅର୍ଥକୁ ଗ୍ରହଣ କରିଥିଲେ । ଶ୍ରୀମତୀ ପ୍ରଧାନ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା କରିବା ସହିତ ମାଙ୍କ କୃପାଲାଭ କରିଥିଲେ । ଶ୍ରୀମତୀ ପ୍ରଧାନଙ୍କ ସହିତ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଅଶୋକ ମହାନ୍ତି ମଧ୍ୟ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ମା'ଙ୍କ କୃପାଲାଭ କରିବା ସହିତ ପାଳଲହଡାବାସୀଙ୍କ ମଙ୍ଗଳ କାମନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ, ପ୍ରାକ୍ତନ ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ନିଜିଗଡ଼ ସମିତିସଭ୍ୟା ଗୌରୀ ହାଇବୁ, ବିଜେପି ମହିଳା ମୋର୍ଚ୍ଚା, ଯୁବ ମୋର୍ଚ୍ଚାର ବହୁ ବିଶିଷ୍ଟ ନାଗରିକ ପ୍ରମୁଖ ଉପସ୍ଥିତ ରହିଥିଲେ । ମାକୁ୍ଇବିରା ମନ୍ଦିରକୁ ଦଶଲକ୍ଷ ଟଙ୍କା ଦାନ କରିଥିବାରୁ ଶ୍ରୀମତୀ ପ୍ରଧାନଙ୍କୁ ସବୁ ମହଲରେ ଉଚ୍ଚପ୍ରଶଂସା କରାଯାଇଛି । ମା କୁ୍ଇବିରା ଉନ୍ନୟନ ପରିଷଦ ପକ୍ଷରୁ ତାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରାଯିବା ସହିତ ଏହି ଦାନଅର୍ଥ ମନ୍ଦିର ବିକାଶ କାର୍ଯ୍ୟରେ ସହାୟକ ହେବ ବୋଲି ପରିଷଦ ପ୍ରକାଶ କରିଛି ।

ବଇଣ୍ଡା ସାପ୍ତାହିକ ହାଟ ଅବସ୍ଥା ଶୋଚନୀୟ, ତେଜୁଛି ଅସନ୍ତୋଷ

ଠାକୁରଗଡ, (ସବୁ୍ୟ) : ଅନୁଗୋଳ ଜିଲ୍ଲା କିଶୋରନଗର ବୁକ ବଇଣ୍ଡା ସାପ୍ତାହିକ ହାଟ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ଉକ୍ତ ହାଟର ଉନ୍ନତିକରଣ କରାଯାଉ ନଥିବା ଯୋଗୁଁ ଅସନ୍ତୋଷ ଦେଖା ଦେଇଛି । ବିଶେଷ କରି ବର୍ଷା ଦିନେ କାଦୁଅରେ ଗ୍ରାହକ ମାନେ କିଣୁଥିବା ବେଳେ ବ୍ୟବସାୟୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ବୁକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଅଞ୍ଚଳବାସୀ କହିବା ଅନୁଯାୟୀ ବହୁ ବର୍ଷ ପୂର୍ବେ ବଇଣ୍ଡା ଠାରେ ପ୍ରତେକ ରବିବାର ଦିନ ସାପ୍ତାହିକ ହାଟ ହେଉଛି । ଏହି ହାଟ ପଞ୍ଚାୟତ ଅଧୀନରେ ଥିବା ବେଳେ ପ୍ରତେକ ବର୍ଷ ନିଲାମ ମଧ୍ୟ କରାଯାଉଛି । ହେଲେ ସାପ୍ତାହିକ ହାଟର ସେ ଭଳି କୌଣସି ଉନ୍ନତି କରଣ କରାଯାଉ ନାହିଁ । ଫଳରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏହି ହାଟ ଉପରେ ନୁନୁକାପଶି, ଜାମୁନାଳି, ଗାଁ ବଇଣ୍ଡା, ଲୁହାମୁଣ୍ଡା, କଣ୍ଢେଇକୋଳିଆ, ଆଦି ପଞ୍ଚାୟତର ୩୦ ରୁ ଉର୍ଦ୍ଧ୍ୱର୍ ଗ୍ରାମବାସୀ ନିର୍ଭରଶୀଳ ।

ଏପରିକି ଆଠମଲ୍ଲିକ ଓ କିଶୋରନଗର ବୁକର ବିଭିନ୍ନ ଅଞ୍ଚଳରୁ ବହୁ ଚାଷୀ, ବ୍ୟବସାୟୀମାନେ ଆସି ଏହି ହାଟରେ ବ୍ୟବସାୟ କରୁଛନ୍ତି । ହେଲେ ହାଟ ପଡିଆର ବିକାଶ କରାଯାଉ ନାହିଁ । ଆବଶ୍ୟକ ପିଣ୍ଡି ହୋଇ ନଥିବା ବେଳେ ହାଟକୁ ମଧ୍ୟ ଭଲ ରାସ୍ତା ନିର୍ମାଣ ହୋଇନାହିଁ । ହାଟକୁ ଯାଇଥିବା ରାସ୍ତାଟି ଅତି ଶୋଚନୀୟ ହୋଇ ପଡିଥିବା ବେଳେ ସାମାନ୍ୟ ବର୍ଷା ହେଲେ ରାସ୍ତାଟି ସଂପୂର୍ଣ୍ଣ ଜଳ ମଗ୍ନ ହୋଇ ଯାଉଛି । ଏ ପରିକି କାଦୁଅ ହୋଇ ପଡୁଥିବା ବେଳେ ଯାତାୟାତ କରିବାରେ ଲୋକେ ଅସୁବିଧା ସମ୍ମୁଖୀନ ହେଉଛନ୍ତି ।

ଉକ୍ତ ରାସ୍ତାକୁ କଂକ୍ରିଟ କରଣ କରିବା ପାଇଁ ବହୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ବୁକ ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ । ସେହିପରି ହାଟ ପଡିଆଟିର ବିକାଶ କରାଯାଉନାହିଁ । କଂକ୍ରିଟ କରଣ କରାଯାଉନଥିବା ବେଳେ ବ୍ୟବସାୟୀ ମାନେ ମାଟି କାଦୁଅରେ ସେମାନଙ୍କର ବ୍ୟବସାୟ ମେଢଣ କରୁଛନ୍ତି । ବ୍ୟବସାୟୀଙ୍କ ପକ୍ଷରୁ ହାଟର ଅର୍ଥ ଅଦାୟ କରାଯାଉଥିବା ବେଳେ ସେମାନଙ୍କ ପାଇଁ ସେ ଭଳି କୌଣସି ସୁବିଧା କରାଯାଇନାହିଁ । ପିଇବା ପାଇଁ ପାନୀୟ ଜଳର ବ୍ୟବସ୍ଥା ନଥିବା ବେଳେ ଶୌଚାଳୟ ମଧ୍ୟ ନାହିଁ । ଚଳିତ ବର୍ଷ ଏହି ହାଟକୁ ୫୦ ହଜାର ଟଙ୍କାରେ ନିଲାମରେ ଦିଆଯାଇଛି ।

ପ୍ରତେକ ବର୍ଷ ନିଲାମ କରାଯାଉଥିଲେ ମଧ୍ୟ ହାଟର ଉନ୍ନତି କରାଯାଉ ନାହିଁ । ଏହି ହାଟକୁ ଉନ୍ନତି କରଣ କରିବା ପାଇଁ ବଇଣ୍ଡା ଗ୍ରାମବାସୀ ମାନେ ପୂର୍ବରୁ ତା ୧୨/୫/ ୨୦୨୩ ରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ମଧ୍ୟ ଉନ୍ନତି କରଣ କରାଯାଉନି । ତୁରନ୍ତ ହାଟର ବିକାଶ କରିବା ସହ ସମସ୍ତ ସମସ୍ୟା ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

ସବୁଜସାଥୀଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ



ବଇଣ୍ଡା, (ସବୁ୍ୟ) : କିଶୋରନଗର ବୁକ ଅନ୍ତର୍ଗତ ଲୁହାମୁଣ୍ଡା ବିଦ୍ୟାଳୟ ସଭାଗୃହ ଠାରେ ଦିଲ୍ଲୀ ସ୍ଥିତ ଆରାଲିସ୍ ସଂସ୍ଥା ତରଫରୁ ଏକ ଦୁଇ ଦିନିଆ କ୍ଷେତ୍ର ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ସଂଯୋଜକ ରଞ୍ଜିତ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କନସଲଟାଣ୍ଟ ଅଶୋକ ଶତପଥୀ ଓ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଅଂଶ ଗ୍ରହଣ କରି ସବୁଜ ସାଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ କିଶୋରନଗର ଓ ଆଠମଲ୍ଲିକ ବୁକର ୨୫ ଟି ପଞ୍ଚାୟତରୁ ମୋଟ ୨୫ ଜଣ ସବୁଜ ସାଥୀ ଯୋଗ ଦେଇଥିଲେ । ପ୍ରଶିକ୍ଷଣରେ ସବୁଜ ସାଥୀ ମାନଙ୍କୁ ଗୋଟିଏ ଫ୍ଲିପ୍ ବୁକ୍ ଓ ଗୋଟିଏ ଗାଇଡ୍ ବୁକ୍ ବ୍ୟବହାର କରିବା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଦୁଇ ବୁକର ୮୫୦୦ ଚୟନିତ ମହିଳା ମାନଙ୍କୁ କିପରି ପ୍ରଶିକ୍ଷଣ ଦିଆଯିବ, ସେ ବିଷୟରେ ମଧ୍ୟ ସବୁଜ ସାଥୀ ମାନଙ୍କୁ ଦିଗଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ଫ୍ୟୁଚର ଅଫ୍ କ୍ଲିନ୍ ଏନର୍ଜି ଓଡ଼ିଶା ଆଧାରରେ କରାଯାଇଥିଲା । ଦ୍ୱିତୀୟ ଦିନ ସବୁଜ ସାଥୀମାନେ ଆଠମଲ୍ଲିକ ବୁକ ଅନ୍ତର୍ଗତ ଠାକୁରଗଡ଼ ପଞ୍ଚାୟତର ଆରଖୁଦ ଗ୍ରାମ ଏବଂ କିଶୋରନଗର ବୁକ ଅନ୍ତର୍ଗତ ଉରୁକୁଲା ପଞ୍

ଉଜୁଡ଼ିଲା ଚାଷୀଙ୍କ ଧାନ ଫସଲ : କ୍ଷୟକ୍ଷତି ଆକଳନ , କ୍ଷତିପୂରଣ ଦାବି

ଭଦ୍ରକ,(ସବ୍ୟୁ) : ଅଦିନିଆ ବର୍ଷା ଓ ବାତ୍ୟାଜନିତ ପବନ ଚାଷୀଙ୍କ ମୁହଁରୁ ଛଡ଼ାଇ ନେଇଛି ହସ। ଅମଳ ସମୟରେ ବର୍ଷା ଜଳରେ ବୁଡ଼ି ରହିଛି ଏକର ଏକର ଧାନ ଫସଲ। ଫଳରେ ଚିନ୍ତାରେ ପଡ଼ିଛନ୍ତି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ଚାଷୀକୁଳ। ଧାନ ଚାଷ ଉପରେ ନିର୍ଭର କରି ଚଳୁଥିବା ଅନେକ ପରିବାର ଏବେ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛନ୍ତି।ଚାଷୀଙ୍କ ଏଭଳି ଦୁର୍ଦ୍ଦଶାକୁ ଗୁରୁତ୍ୱର ସହ ନେଇଛନ୍ତି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ। ଏନେଇ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଏକ ଲିଖିତ ଦାବିପତ୍ର ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବର୍ଷା ଓ ବାତ୍ୟାଜନିତ ପବନ ଯୋଗୁଁ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଠିଆ ହୋଇଥିବା ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଚାଷ ଜମିରେ ବର୍ଷା ପାଣି ଜମି ରହିବା ଫଳରେ ଚାଷୀମାନେ ଗୁରୁତର କ୍ଷତି ସହିଛନ୍ତି।ଏଭଳି ସ୍ଥିତିରେ ତୁରନ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କ୍ଷତିଗ୍ରସ୍ତ ଚାଷ ଜମିର ସରଜମିନ ତଦନ୍ତ କରିବା ସହ କ୍ଷୟକ୍ଷତିର ସଠିକ ଆକଳନ କରିବାକୁ ଭଣ୍ଡାରୀପୋଖରୀ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବିଧାୟକ ପ୍ରତିନିଧି ପ୍ରଶାନ୍ତ ଦାସ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ନାୟକ, ଉତ୍ତଳ କେଶୋରି ମହାନ୍ତି , ବ୍ଲକ ସଭାପତି ଲକ୍ଷ୍ମୀ କାନ୍ତ ମହାନ୍ତି, ବରିଷ୍ଠ ନେତୃତ୍ୱ ସୂର ପାଲ, ସଞ୍ଜୀବ ପରିଡ଼ା, ଦୀପ୍ତି ସୂର୍ଯ୍ୟ ବିଶ୍ୱାଳ, ସନ୍ତୋଷ ନାୟକ, ଗିରିଧାରୀ ସାହୁ, ଧୀରେନ୍ଦ୍ର ଖୁଣ୍ଟିଆ, ବନମାଳୀ ବେହେରା, ସତ୍ୟାନନ୍ଦ ରାଉତ, ବୀରେନ୍ଦ୍ର ଜେନା, ବୀରେନ୍ଦ୍ର ନାୟକ, ମନୋରଞ୍ଜନ ସାହୁ, ବିଶ୍ୱଜିତ୍ ମହାପାତ୍ର, ଦିନେଶ ସାହୁ ପ୍ରମୁଖ ଦାବି କରିଛନ୍ତି ।



ଏଥିସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଶୀଘ୍ର ପ୍ରଦାନ କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତିର ସୁଧାର ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ଦାବି ହୋଇଛି।

ସାଇବର ଠକଙ୍କ ଟାର୍ଗେଟରେ ବ୍ୟାଙ୍କ ଗ୍ରାହକ, ବିନା ଓଟିପିରେ ୯୯ ହଜାର ଗାଏବ

ଅସୁରାଳି,(ସବ୍ୟୁ) : ସାଇବର ଠକେଇର ନୂଆ କୌଶଳ ଏବେ ବ୍ୟାଙ୍କ ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ମୋବାଇଲ ଫୋନକୁ କୌଣସି ଓଟିପି ନଆସିବା କିମ୍ବା କାହାକୁ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ନଦେବା ସତ୍ତ୍ୱେ ଜଣେ ଗ୍ରାହକଙ୍କ ବ୍ୟାଙ୍କ ଖାତାରୁ ପର୍ଯ୍ୟାୟକ୍ରମେ ୯୯ହଜାର ୯୫୦ଟଙ୍କା ଗାଏବ ହୋଇ ଯାଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ସାଇବର ଠକେଇ ଘଟଣା ଧୂଷୁରୀ ଥାନା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ,ଧାମନଗର ବ୍ଲକ ଗଡ଼ିଆଳି ପଂଚାୟତ ଝାରଡ଼ିଆସ୍ଥିତ ଅଜିତ କୁମାର ସ୍ୱାଇଁଙ୍କର ଭଦ୍ରକ ଜଗନ୍ନାଥପୁର ଏସ୍‌ବିଆଇ ଶାଖାରେ ଏକ ବ୍ୟାଙ୍କ ଖାତା ରହିଛି। ଗତ ୧୬ ତାରିଖରେ ତାଙ୍କ ଖାତାରୁ ଏକାଧିକ ପର୍ଯ୍ୟାୟରେ ୬୬ ହଜାର,୨୯ ହଜାର ୮୦୦,୩ହଜାର ୫୫୦ ଏବଂ ୬୦୦ଟଙ୍କା ମିଶାଇ ମୋଟ ୯୯ହଜାର ୯୫୦ଟଙ୍କା କଟିଯାଇଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ସେ ବ୍ୟାଙ୍କ ସହ ଯୋଗାଯୋଗ କରିବା ପରେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ଏବଂ ଏନେଇ ସେ ଅଭିଯୋଗ ଆଣିଛନ୍ତି। ଏହି ଘଟଣାର ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଯେ ଖାତାଧାରୀ ଅଜିତଙ୍କ କହିବା ଅନୁଯାୟୀ ତାଙ୍କ ମୋବାଇଲକୁ କୌଣସି ଓଟିପି ଆସିନଥିଲା କିମ୍ବା ସେ କାହାକୁ ନିଜର ବ୍ୟାଙ୍କ ଗୋପନୀୟ ତଥ୍ୟ ଦେଇନଥିଲେ। ଏହା ସତ୍ତ୍ୱେ ଖାତାରୁ ଏତେ ପରିମାଣର ଅର୍ଥ କିପରି ଉଠିଗଲା। ଯାହା ଏବେ ତଦନ୍ତସାପେକ୍ଷ। ପାଖାପାଖି ଏକ ଲକ୍ଷ ଟଙ୍କା ହରାଇଥିବା ଅଜିତ ଏ ସମ୍ପର୍କରେ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ ନଂ-୫୦୪/୨୬ରେ ମାମଲା ରୁଜୁ କରିଛି। ଅଜଣା ସାଇବର ଠକଙ୍କ ବିରୋଧରେ ରୁଜୁ ଏହି ମାମଲାର ତଦନ୍ତ ଭାର ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ନିଜେ ଗ୍ରହଣ କରିଛନ୍ତି। ବିନା ଓଟିପିରେ ଏଭଳି ଅର୍ଥ ଗାଏବ ହେବା ଘଟଣା ବ୍ୟାଙ୍କ ଗ୍ରାହକଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି।

ପିକ୍‌ଅପ୍ ଗାଡିରୁ ଗୋରୁ ଜବତ ଦୁଇ ଗୋ ମାଫିଆ ଗିରଫ

ଢେଙ୍କିକୋଟ ,(ସବ୍ୟୁ) : ଗତକାଲି ରାତିରେ ସାମପାଟଣା ପୋଲିସକୁ ମିଳିଛି ଗୋଟିଏ ବଡ ସଫଳତା । କୌଣସି ସୂତ୍ରରୁ ଖବର ପାଇଥିଲେ ଗୋ ଚାଲାଣ ସମ୍ପର୍କରେ। ତେଣୁ ୨୨୦ ନମ୍ବର ଜାତୀୟ ରାଜପଥ ଖଜୁରୀଡିହା ଠାରେ ପୋଲିସ ଅପେକ୍ଷା କରି ରହିଥିଲା । ଢେଙ୍କିକୋଟ ନିକଟବର୍ତ୍ତୀ ସାନ୍ତରାପୁର ଠାରୁ ଦୁଇଜଣ ଗୋ ମାଫିଆ ମଯୁରଭଞ୍ଜ ଜିଲ୍ଲାଯଶିପୁର ନିକଟବର୍ତ୍ତୀ ଧୋବାଡିହା ସାହିର ଶିବ ବେହେରା ଓ ସାନୁ ହୋ ମିଶି ରାତିରେ ଏକ ପିକଅଫ ଗାଡ଼ିରେ ଗୋ ଚାଲାଣ କରୁଥିବା ବେଳେ ଉକ୍ତ ସ୍ଥାନରେ ପୋଲିସ ହାତରେ ଧରା ପଡିଥିଲେ । ତେବେ ଚତୁରତାର ସହିତ ଖସି ଚାଲିଯିବାକୁ ଚେଷ୍ଟା କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଦୁହିଁଙ୍କର ମୁଣ୍ଡରେ ଆଘାତ ଲାଗିଥିଲା । ସର୍ବମୋଟ ୧୨ଟି ଗୋରୁ ମଧ୍ୟରୁ ଗୋଟିଏ ଗୋରୁ ର ମୃତ୍ୟୁ ହୋଇଯାଇଛି । ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଉଭୟ ଗୋ ମାଫିଆଙ୍କୁ କୋର୍ଟ ଚାଲାଣ କରିଛନ୍ତି ।

୨୪ ଗୋରୁ ଓ ୨ ପିକ୍‌ଅପ୍ ଜବତ, ୨ ଅଟକ

ଠାକୁରମୁଣ୍ଡା, (ସବ୍ୟୁ) : କୌଣସି ସୂତ୍ରରୁ ଖବର ପାଇ ମହୁଲଡିହା ଥାନା ଅଧିକାରୀ ବିରେନ୍ଦ୍ର କୁମାର ରାଉତ ସଦଳବଳେ ମିଠୁଆଣୀ ଗ୍ରାମର ରଉବୁ ମହାନ୍ତଙ୍କ ଘରେ ଚଢ଼ାଉ କରିଥିଲେ।ଚଢ଼ାଉ ବେଳେ ସେଠାରୁ ବିକ୍ରି ପାଇଁ ରଖାଯାଇଥିବା ୨୨ଟି ଗାଈ, ୧ଟି ବଳଦ ଓ ୧ଟି ବାଛୁରୀ ଛୁଆ ସମେତ ପରିବହନ ପାଇଁ ରଖାଯାଇଥିବା ୨ଟି ପିକଅପ ଜବତ କରିପୋଲିସ ମହୁଲଡିହା ଥାନାକୁ ଆଣିଥିଲା। ଗାଈ, ବଳଦ କ୍ରୟ ରସିଦ ଦେଖାଇ ନ ପାରିବାରୁ ସାତକୋଶିଆ ଗ୍ରାମର ଆଶିଷ କୁମାର ଗାହାଣ ଓ ଆନନ୍ଦପୁର ଥାନା ଅନ୍ତର୍ଗତ ମୁଡିଆ ଗ୍ରାମର ବାବାଜୀ ସାହୁଙ୍କୁ ଅଟକ ରଖାଯାଇଛି।ଜବତ ଗାଈ, ବଳଦ ଓ ବାଛୁରୀଙ୍କୁ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗାର ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି।ଏ ନେଇ ମହୁଲଡିହା ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି ।

ବାତ୍ୟା ମୁକାବିଲା ପାଇଁ ପୂର୍ବ ଓ ପରବର୍ତ୍ତୀ ପ୍ରସ୍ତୁତି ସମୀକ୍ଷା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭଦ୍ରକ,(ସବ୍ୟୁ) : ବାତ୍ୟା 'ଅକୱାନ'ର ମୁକାବିଲା ନିମନ୍ତେ ପୂର୍ବ ଓ ପରବର୍ତ୍ତୀ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ଆଜି ଭଦ୍ରକ ଜିଲ୍ଲାପାଳଙ୍କ ଓସ୍ୱାନ୍ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉଚ୍ଚଶିକ୍ଷା,କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ,ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ (ରାଜସ୍ୱ), ସରୋଜ ଦତ୍ତ(ସାଧାରଣ)ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବାତ୍ୟା ମୁକାବିଲା ପାଇଁ ଲୋକଙ୍କ ସ୍ଥାନାନ୍ତର,ଆଶ୍ରୟସ୍ଥଳୀର ବ୍ୟବସ୍ଥା,ମାଗଣା ରନ୍ଧା ଖାଦ୍ୟ ବଣ୍ଟନ, ରିଲିଫ୍ ସାମଗ୍ରୀ ମହଜୁଦ,ଡ୍ରେନ୍ ସଫେଇ,ପାନୀୟ ଜଳ ଯୋଗାଣ,ବିଦ୍ୟୁତ୍ ସେବା,ନଦୀ ଜଳସ୍ତର ନିରୀକ୍ଷଣ,ଗର୍ଭବତୀ ମହିଳାଙ୍କ ସ୍ଥାନାନ୍ତର ଓ ସ୍ୱାସ୍ଥ୍ୟସେବା ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ଶ୍ରୀସୁରଜ ବର୍ଷା ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ,ପାନୀୟ ଜଳ,ଆଲୋକ,ଶୌଚାଳୟ ଓ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଗର୍ଭବତୀ ମହିଳା,ଶିଶୁ,ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହ ବିପଦସଂକୁଳ ଅଂଚଳରେ କେହି ଯେପରି ରହିନଯାଆନ୍ତି,ସେଥିପ୍ରତି ସତର୍କ ରହିବାକୁ କହିଥିଲେ। ଭଦ୍ରକ ଜିଲ୍ଲା ପ୍ରତିବର୍ଷ ବନଯା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ଏହାର ସ୍ଥାୟୀ ପ୍ରତିକାର ଓ ଭବିଷ୍ୟତରେ ବିପର୍ଯ୍ୟୟର ପ୍ରଭାବ ହ୍ରାସ ପାଇଁ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ବେତନଟୀରେ ୩୨ତମ ଜଗଦ୍ଧାତ୍ରୀ ପୂଜା

ବେତନଟୀ,(ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଢେଲିମାର୍କେଟ ପରିସରରେ ଜଗଦ୍ଧାତ୍ରୀ ପୂଜା କମିଟି ଆନୁକୂଲ୍ୟରେ ମା'ଜଗଦ୍ଧାତ୍ରୀଙ୍କର ୩୨ତମ ବାର୍ଷିକ ପୂଜା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଚଳିତମାସ ୧୭ତାରିଖରେ ଘଟଉତ୍ଥାପନ ପରେ ୧୮ତାରିଖରେ ଯଥାବିଧି ବଡପୂଜା ଆରମ୍ଭ ହୋଇଥିଲା। ୧୯ତାରିଖରେ କ୍ଷୀରିଭୋଗ ବଣ୍ଟନ କରାଯାଇଥିବା ବେଳେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ସାମୁହିକ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଶନିବାର ଆୟୋଜିତ ସାମୁହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବେତନଟୀ ଏବଂ ସଠିଲୋ ଗ୍ରାମପଞ୍ଚାୟତ ସମେତ ବିଭିନ୍ନ ସ୍ଥାନରୁ ପାଖାପାଖି ୬ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କର ସାମଗମ ଦେଖିବାକୁ ମିଳିଥିଲା। ସାମୁହିକ ପ୍ରସାଦ ସେବନରେ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କର ସମାଗମକୁ ଦୃଷ୍ଟିରେ ରଖି ଆୟୋଜକ କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ସମ୍ପାଦିତ କରାଯାଇଥିବା ବେଳେ ଆୟୋଜକ କମିଟିର ସଭାପତି ରବୀନ୍ଦ୍ର ସାହୁ, ସମ୍ପାଦକ ଉତ୍ପଳ ବେହେରା, ଲକ୍ଷ୍ମୀଧର, ରଞ୍ଜିତ, ଚକ, ଗୁଡୁ, ପପୁ ବେହେରା, କାଳିଆ, ଦୀପୁ, ମଣ୍ଟୁ, ଶମ୍ଭୁ, କଣ୍ଢେଇ, ପାଗଲୁଙ୍କ ସମେତ ଆୟୋଜକ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ/ସଦସ୍ୟା ପ୍ରମୁଖ ପରିଚାଳନାରେ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ।

ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ଡଃ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠଠାରେ ଉତ୍ତଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ସମାରୋହ ଆଜି ପାଳିତ ହୋଇଯାଇଛି। ଡଃ ହରେକୃଷ୍ଣ ମହତାବ ସ୍ମୃତି କମିଟି ଓ ପୂଜ୍ୟପୂଜା ସଂସଦ, ବାଲେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ବରିଷ୍ଠ ସାମ୍ବାଦିକା ଅପର୍ଣ୍ଣା ମହାପାତ୍ର ସଭାପତିତ୍ୱ କରିଥିଲେ।ସମାରୋହରେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ ମଲ୍ଲିକ, 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଏବଂ ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବୁଢ଼ାନ ହେମ୍ବ୍ରମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଏହି ଅବସରରେ ଅତିଥିମାନେ ଡଃ ମହତାବଙ୍କ ଜୀବନୀ, ଦେଶର ସ୍ୱାଧୀନତା ସଂଗ୍ରାମ, ଓଡ଼ିଶାର ରାଜନୈତିକ ଓ ସାମାଜିକ ଇତିହାସ ତଥା ରାଜ୍ୟ ଗଠନ ଓ ବିକାଶ କ୍ଷେତ୍ରରେ ତାଙ୍କର ଅବିସ୍ମରଣୀୟ



ଅବଦାନକୁ ସ୍ମରଣ କରିଥିଲେ। ତାଙ୍କର ଆଦର୍ଶ, ଦୂରଦୃଷ୍ଟି ଓ ତ୍ୟାଗପୂତ ଜୀବନୀ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା।

ବର୍ଷା ପାଣିରେ ଭାସୁଛି ପାଚିଲା ଧାନ

ବାସୁଦେବପୁର, (ସବ୍ୟୁ) : ପ୍ରାକୃତିକ ବିପର୍ଯ୍ୟୟ ବଳୟ ମଧ୍ୟରେ ଉପକୂଳ ଅଂଚଳର ବାସୁଦେବପୁର ବ୍ଲକର ବିଭିନ୍ନ ପଂଚାୟତ ଓ ପୌରପାଳିକାର ୱାର୍ଡରେ ବାତ୍ୟା ଆକଓ୍ୱାନ ପ୍ରଭାବରେ ବର୍ଷା ଯୋଗୁଁ ପାଚିଲା ଧାନ ଉପରେ ବର୍ଷା ପାଣି ଜମି ରହିଛି। ଫଳରେ ଶହ ଶହ ହେକ୍ଟର ପାଚିଲା ଧାନ ଫସଲ ନଷ୍ଟ ହେବାକୁ ବସିଛି। ଚାଲିଗଲା ବାତ୍ୟା ଆକଓ୍ୱାନ। ବର୍ଷା ଯୋଗୁଁ ଚାଷ ଜମି ଜଳମଗ୍ନ ହୋଇ ପଡିଛି। କାଳର କରାଳରେ ଧରାଶାୟୀ କଲା ସୁନାର ଫସଲ। କେଉଁଠି ପାଚିଲା ଧାନ ଉପରେ ପାଣି ଜମି ରହିଛି ତ ପୁଣି କେଉଁଠି ଥୁଡ ଧାନ ଉପରେ ଜମିଛି ପାଣି। ଧାନ ଜମି ଦେଖିଲେ ଆଖିର ଲୁହ ଆସୁଛି। ଚାରୋଟି ବନ୍ୟା ପରେ ବାତ୍ୟା ଆକଓ୍ୱାନ ବର୍ଷକର ଭାତ ହାଣ୍ଡି ଅଜାଡି ଦେଇଛି। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ୩୬ପଂଚାୟତ ଓ ପୌରପାଳିକାର ୨୩ୱାର୍ଡର ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ଚାଷର ପ୍ରାରମ୍ଭରେ ମାସ ମାସ ଧରି ବନ୍ୟା ପାଣି ଲାଗି ରହିବାରୁ ଧାନ ତଳି ପଚିଗଲା। ତିନି ଗୁଣା ମୂଲ୍ୟରେ ପାଖ ପଡୋଶୀ ଓ ପାଖ ଜିଲ୍ଲାରୁ ତଳି କିଣି ରୁଇଲେ। କିଏ ଧାର ଉଧାର କଲେ ତ ପୁଣି କିଏ ଋଣ କରି ଧାନ ଚାଷ କରିଥିଲେ। ଧାନ ଉପରେ ବର୍ଷା ପାଣି ଜମି ରହିଥିବାରୁ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ପାଇବା ଆଶାର ବୈତରଣୀ ପାର ହେବା ଆଶାରେ ପାଣିରେ ପସି ଧାନ ବାଛୁଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସାହାର୍ଯ୍ୟ ସହଯୋଗ ଯୋଗାଇ ନଦେଲେ ଚାଷୀଙ୍କ ମୁଣ୍ଡରେ ଚଡକ ପଡିବ।

ଭିନ୍ନକ୍ଷମ ନାବାଳିକାକୁ ଧର୍ଷଣ, ଯୁବକ ଗିରଫ

ଠାକୁରମୁଣ୍ଡା,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ପୋଲିସ ଭିନ୍ନକ୍ଷମ ନାବାଳିକାକୁ ଧର୍ଷଣ ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ତରାମରା ଗ୍ରାମ ପଞ୍ଚାୟତ ଡକେଇପାଳ ଗ୍ରାମର ିଟୁଲୁ (ଆନନ୍ଦ)ହୋ (୪୦) ଗତ ୪ ଅଗଷ୍ଟ ୨୦୨୪ ମସିହାରେ ଏକ ଭିନ୍ନକ୍ଷମ ନାବାଳିକାକୁ ଜୋରଜବରଦସ୍ତ ଧର୍ଷଣ ଅଭିଯୋଗରେ ନାବାଳିକାଙ୍କ ପିତା ମହୁଲଡିହା ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଅଧିକାରୀ



ଅଶୋକ କୁମାର ପହି ମହୁଲଡିହା ଥାନା କେଶ ନଂ ୫୩/୨୦୨୪ ଦଫା ୩୭୬(୨) (ଏନ) ୫୦୬ ଆଇପିସି ରେ ମାମଲା ରୁଜୁ କରି ଟୁଲୁ ହୋ କୁ ଗିରଫ ପାଇଁ ତଲାସୀ କରିଥିଲେ । ପୋଲିସ ଖୋଜିବା ଖବର ପାଇ ିଟୁଲୁ ଘରଛାଡି ପଳାଇ ଯାଇଥିଲା । ୨ ବର୍ଷ ପରେ ଗାଁକୁ ଫେରିଥିବା ଖବର ପାଇ ଥାନା ଅଧିକାରୀ ବିରେନ୍ଦ୍ର କୁମାର ରାଉତ ିଟୁଲୁ ହୋକୁ ୨୦ ତାରିଖରେ ଗିରଫ କରି ବାରିପଦା ପୋକ୍ସ କୋର୍ଟରେ ହାଜର କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ିଟୁଲୁ ହୋ ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସ୍ୱୟଂଶାସିତ ମାନ୍ୟତା ଦିଗରେ ଅଗ୍ରସର କୁନ୍ତଳା କୁମାରୀ ସାବତ ମହିଳା କଲେଜ !

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱରର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶୁକ୍ରବାର ଓଡ଼ିଶା ବିଧାନସଭାରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ସମ୍ପର୍କିତ ପ୍ରସଙ୍ଗ ପୁନର୍ବାର ଉତ୍ଥାପନ କରିଛନ୍ତି। ମହାବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷ, ଭିତ୍ତିଭୂମି ଓ ଭବିଷ୍ୟତ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହାକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ବିଧାୟକ ସରକାରଙ୍କ ନିକଟରୁ ସ୍ୱୀକୃତିକରଣ ଲୋଡ଼ିଥିଲେ। ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାଯାଇଛି ଯେ, ଉକ୍ତ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ସମ୍ପର୍କିତ ବିଷୟ ସରକାରଙ୍କ ଅବଗତିରେ ରହିଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ଓ ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରାଯାଇଥାଏ। କୁନ୍ତଳା କୁମା

'ହିଡ଼ମାଟି'ର ଗାଁ : ମାଟିର ମହକ, ମଣିଷର ମମତା



ଡକ୍ଟର ସର୍ବେଶ୍ୱର ସେଣ

ଛଇ ଛବିଳି ଗାଁ, ମେଲେଇ ଦେଇଛି ଶୋଭା ପସରା। ସେଇଠି ନିତି କନକଚମ୍ପା ଫୁଟେ, ଆଷାଢ଼ରେ ମଲ୍ଲୀ ମହକେ, ବସନ୍ତରେ କୋଇଲି ଡାକେ। ମୁଣ୍ଡିଆ ସେପଟରୁ ଉଇଁ ଆସନ୍ତି ସୁରୁଜ ଦେବତା, ବିଛାଡ଼ି ହେଇଯାଏ ଲୋହିତ ଚାଦର। ସଞ୍ଜ ଆସେ ନଇଁ ନଇଁ। ଦୂର ଗଗନରେ ଚାନ୍ଦ ଉଠେ, ଗାଁ ନଇ ହସେ, ଝରଣା ଗୀତ ଗାଏ, ମେଘ ବଜାଏ ମାଦଲ, ଭଅଁର ବୀଣା ବଜାଏ। ସେଇ ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା ଗାଁ। କାଳେ କାଳେ ବିଭୋର କରିଛି କବି ଲେଖକ, କଳାକାରଙ୍କୁ; ଆନମନା କରିଛି ସୌନ୍ଦର୍ଯ୍ୟର ପୂଜାରୀମାନଙ୍କୁ। ଗାଁ ବାସ୍ନାରେ ବିମୋହିତ, ମୁଗ୍ଧ ବିହ୍ୱଳ ହୁଏ ଲେଖକଟିଏ । ତା' କଳା କାରିଗରୀ ପଣିଆର ଉତ୍କର୍ଷ ପ୍ରକାଶ ପାଏ; ଆଭାମୟୀ, ଶୋଭାମୟୀ ଗାଁଟି ପାଲଟିଯାଏ ଭୂସ୍ୱର୍ଗ ତା ଲେଖିନୀରେ। ସେଥି ପାଇଁ ଗାଁ ଜନ-ଜୀବନଧାରାକୁ ନେଇ ଲିଖିତ ପୁସ୍ତକ ଗୁଡ଼ିକ ପାଏ ପାଠକୀୟ ଆଦର। ସାହିତ୍ୟରେ ପ୍ରତିଫଳିତ ହୋଇଥାଏ ଗ୍ରାମ୍ୟ-କଥା-ବ୍ୟଥା, ଆଚାର, ବିଚାର, ଶୋଷଣ, ପେଷଣ; ଏଥି ସହ ସାଂସ୍କୃତିକ ଜୀବନଚର୍ଯ୍ୟା ବି। ପ୍ରଥିତଯଶା ଔପନ୍ୟାସିକ ନିତ୍ୟାନନ୍ଦ ମହାପାତ୍ର। ତାଙ୍କର ଅମର କୃତି 'ହିଡ଼ମାଟି'ରୁ ପାଠକଟିଏ ପାଇଥାଏ ପ୍ରାକ୍ ସ୍ୱାଧୀନତା କାଳୀନ ଗାଁର ମନଲୋଭା ଚିତ୍ର। ଗାଁ ଶୋଭା-ଶିରୀ-ସମ୍ପଦ, ମୁକ୍ତିସଂଗ୍ରାମ, ପ୍ରଥା, ପରମ୍ପରା ଭିତ୍ତିକ ସାମାଜିକ ଜୀବନ ଠାରୁ ଅର୍ଥନୈତିକ ଜୀବନ ଯାଏ ଏହା ପ୍ରଲମ୍ବିତ। ନିତ୍ୟାନନ୍ଦ ମହାପାତ୍ରଙ୍କ ପିତା ଅଦ୍ୱିତୀୟ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ସେ ଚଷାଭାଇଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ, 'ହିଡ଼ମାଟି ହିତରେ ଦେଇ, ଚାଲୁଥା ଛାତି ଫୁଲେଇ/ ରାଜା ହୋଇ ମୋଡୁଥା ନିଶ, ଆଉ କାହାକୁ ଡର/ ଦାନର ଯୋଗାଡ଼ କରରେ ଚାଷୀ କନାର ଯୋଗାଡ଼ କର।" ଏହା ଥିଲା ଔପନାସିକଙ୍କ ପାଇଁ ପ୍ରେରଣାର ଉତ୍ସ, ତାହାହିଁ ସାକାର ରୂପ ବିଗ୍ରହ ନେଇଛି ଉପନ୍ୟାସଟିରେ।

ହିଡ଼ମାଟିରେ କୌଣସି ନିର୍ଦ୍ଦିଷ୍ଟ ନାୟକ, ନାୟିକା ନାହାନ୍ତି। ଏଥିରେ କାଳ ବା ସମୟ ହେଉଛି ନାୟକ, ଘଟଣା ନାୟିକା। ଅଞ୍ଚଳଟିଏ ଏହାର ମୁଖ୍ୟ ଆଖ୍ୟାନବସ୍ତୁ; ତାହାହିଁ ସେଇ ଦୂରିଆ ଦୂରିଆ ଗାଁ, ଯାହାକୁ ପ୍ରକୃତିରାଣୀ ଢାଙ୍କି ଦେଇଛି, ଘୋଡ଼େଇ ଦେଇଛି ଆପଣାର ରଙ୍ଗବେରଙ୍ଗ ପଣତକାନିରେ। ଭୋଦୁଅର କେରିକେରି ଧାନ କିଆରିରେ ଶିରିଶିରି ପୂବେଇ ବାଆ। ତା' କାନରେ ଫିସ୍ ଫିସ୍ କହିଦିଏ ଜୀବନ ଗୀତିକା, ଚଇତିର ଚଇତାଳି ଚହଟେଇ ଯାଏ ଗାଁ ତନୁ-ମନ-ପ୍ରାଣକୁ।

ଗ୍ରାମ୍ୟ ଜୀବନ। ବାରମାସ, ତେରପର୍ବରେ ଉତ୍ସବମୁଖର। ତହିଁରେ ନିହିତ ଆମ ସଂସ୍କୃତି, ଧର୍ମ ସମ୍ପର୍କିତ ପ୍ରଥା ପରମ୍ପରାର। ଭ୍ରାତୃଭାବ। ପ୍ରତିବେଶୀକୁ ଭଲ ପାଇବା, ସୁଖଦୁଃଖ ବାଣ୍ଟିବା ସହିତ ଶାନ୍ତିପୂର୍ଣ୍ଣ ସହାବସ୍ଥାନ - ଏ କଥାଟି ପର୍ବପର୍ବାଣି ମାଧ୍ୟମରେ ସୁଦୃଢ଼ ହୋଇଥାଏ। ଅନୁରୂପ ଭାବେ ଔପନ୍ୟାସିକ ହିଡ଼ମାଟିର ଅୟମାରମ୍ଭ କରନ୍ତି ଦୀପାବଳି ପର୍ବରୁ - "ସେଦିନ ଦିଆଲି। ଶୁକ ପଇଁଆ ଖାଡ଼ିରେ ପୁରୁବ ପୁରୁଷଙ୍କ ସରଗ ବାଟକୁ ଆଲୁଅ କରି ଘରେ ଆସି ଦେଖିଲା, ଚାରିଆଡ଼େ ଅନ୍ଧାର।" ଅଭାବି ମଣିଷ ଶୁକୁରା, ଘରେ ଦାନା ନାହିଁ। ଦୀପରେ ତେଲ ଟିକିଏ କିଣି ଜାଳିବାକୁ ପଇସା କାହୁଁ ପାଇବ ? ତେଣେ ବଡଲୋକଙ୍କ ଘରେ ଜକମକର ଦିଆଲି ଉତ୍ସବ। ବାବୁଘର ମଉଳା ଶିରାଧରେ କେତେ ଖିଆପିଆ, କେତେ ଉଚ୍ଛବ - "ବଡ଼ ଘର ପିଲାଏ କେତେ ଫୁଲଝରି, ଚନ୍ଦ୍ରଉଦିଆ, ଫଟଫଟି, ଭୂଇଁ ଫଟକା, ତାଳଫଟକା, ଇଂ ର । ଜ ୀ ଫ ଟ କ । ଫୁଟେଇ ଫୁଟେଇ ଚାଲିଛନ୍ତି। ଗାଁ ଟୋକାଏ ମିଳି ଭୂଇଁ ଫଟକା ଲଗାଇ ଦେଲେ। ନିଆଁଟା ଯାଇ ପ୍ରଧାନଘର ପଡ଼ାରେ ପଡ଼ିଲା। ଦଉଡ଼ି ଯାଇ ସମସ୍ତେ ଲିଭାଇଦେଲେ, ଚାଳ ଓଲାରି ପକାଇଲେ, ନଇଲେ ଦଣ୍ଡକେ ସବୁ ଶେଷ ହୋଇଯାଇଥା'ନ୍ତା।"

ଦ ୀ ପ । ବ ଳି ପର୍ବରେ ମା' କାଳୀଙ୍କର ଉପାସନା। ଗାଁ ମାନଙ୍କରେ ବଡ ଧୁମ୍‌ଧାମରେ କରାଯାଏ। ସାହିସାହିରେ ମେଢ଼। ଉତ୍କର୍ଷ ପ୍ରତିପାଦନ ପାଇଁ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ। ଏକଥାକୁ ବି ଔପନାସିକ ବଡ଼ ଚମତ୍କାର ଠାଣିରେ ଦେଖାଇ ଦେଇଛନ୍ତି। ପୁନଶ୍ଚ ଆସିଛି ଝୁଲଣ ପୂର୍ଣ୍ଣିମା, ଗୋବିନ୍ଦ ପଟ୍ଟନାୟକ ଇଂରେଜୀ ପଢ଼ିଛନ୍ତି, କରଣ ଘରପୁଅ, ଦାରୋଗା ଚାକିରି; ଟଙ୍କା ରୋଜଗାରରେ ଓସ୍ତାଦ୍। ଗାଁକୁ ଫେରିଛନ୍ତି। ତେଣୁ ଝୁଲଣଟା ଜମି ଯାଉଛି। ଗାଁଟା ସରଗରମ, ସତେକି ବୃନ୍ଦାବନର କୁଞ୍ଜ ସଜା ହୋଇଛି! ଯାତରା ଲାଗିଛି ଛୁଆମାନଙ୍କର- "ରାତି ଗୋଟେ ଦୁଇଟା ବାଜିଯାଏ, ଟିକିଏ ପାରିଲା ପିଲାଏ ଦିନରାତି ଲାଗିଥାନ୍ତି କୁଞ୍ଜ ସଜେଇବାରେ। ତେଣେ ଲାଗିଥାଏ ଗୋଇନ୍ଦା ଗିରି। ସେ ସାହିରୁ କିଏ ଆସି କହି ଦେଉଚି ତ ଏ ସାହିରୁ କିଏ ଯାଇ ସେ ସାହିରେ କହିଦେଲାଣି, ହେଇଟି ତାଙ୍କର ଏମିତି ଫୁଲକଟା ଯାଉଛି। କିଏ କହେ ଆର ସାହିରେ ମେହେରାବିଟା ଏମିତି ବାଗରେ କଟାଯାଉଛି ଯେ... ଇସ୍! ଦୁଇ ସାହି, ଦୁଇ ସାହିକୁ ତିଆରିଥାନ୍ତି। ଦେଖାଶିଖା ଗଉଡ଼ ବିଭା। ଦୁଇ ସାହିର ପିଲାଯାକ ଆପଣା ଭିତରେ କଳି କରୁଥାନ୍ତି -ଯାର ଦେଖି, ତା'ର ଦେଖି ଫଡକି ଉଠିଲା ତାହାଣ ଆଖି।" ଏମିତି ବର୍ଷ ପରେ ବର୍ଷ ବିତିଯାଏ, ଗାଁରେ ଲେ ମେଳଣ। ପିଲାମାନଙ୍କର ଜିଦା ଜିଦି ପରିସ୍ଥିତିକୁ ଅଧିକ ସରଗରମ କରିଦିଏ। ଏହା ତ ସେବେକାର ନୁହେଁ, ପରନ୍ତୁ ଅଧୁନା ମଧ୍ୟ ସେଇ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା। ଏବେ ଉଗ୍ର ଆକାର ଧାରଣ କଲାଣି। ମ୍ଲାନ ବି କଲାଣି ଆମ ସାଂସ୍କୃତିକ ଜୀବନଧାରାକୁ।

ସମସ୍ତ ପ୍ରକାର ପରିବର୍ତ୍ତନ ସତ୍ତ୍ୱେ; ଗାଁର ପୂନେଇ ପରବ ଭାରି ମନଛୁଆଁ। ଶରତ ଆସେ ଶେଫାଳି ଝଡ଼ା ସକାଳ ଆଣି। ଏତେପାଣି, ଏତେ ବରଷା ଭିତରେ ବି ବିଲରେ ନୀଳନୀଳ ଲହରୀ ଖେଳିଉଠେ କଞ୍ଚାଧାନର ସରୁ କେନାରେ। କୁଆଁର ପୁନେଇଁର ଜହ୍ନ, କୁଆଁରୀଙ୍କ ଚାନ୍ଦ ବନ୍ଦାଣ ଗାଇ ଗାଇ ଚାଲିଯାଏ। ମୁହଁରେ ସେହି ଗୀତର ଘୋଷା ଧରି - "କୁଆଁର ପୁନେଇଁ ଜହ୍ନ ଗୋ! ଫୁଲ ବଉଳ ବେଣୀ- କୁଆଁରୀମାନେ ଯେ ପୁଚି ଖେଳୁଛନ୍ତି - ଖୁଣ୍ଟିଆ ଶବଦ ଶୁଣିଗୋ ଫୁଲ ବଉଳ ବେଣୀ।" ଜହ୍ନର ଜୁଆର, ଏଣେ ଚହଲି ଯାଏ କୁଆଁରୀ ମନପ୍ରାଣ। ଗାଁ ଛାତିରେ ହସ-ଖୁସିର ଉତୁରା ଶିହରଣ। ଏମିତି ମୁଗ୍ଧ ବିହ୍ୱଳ ପଲ୍ଲୀ ପ୍ରାଣର କଥା। ଆମ ଗାଁର ରୂପ ବିଭବ; ତାହାହିଁ ହିଡ଼ମାଟିର ଅପୂର୍ବ କଳାତ୍ମକ ସଫଳତା। ସେଇ ତ' ଚିନ୍ତାନନ୍ଦ ନିତ୍ୟାନନ୍ଦଙ୍କର ବୈଶିଷ୍ଟ୍ୟ।



ଶାତୁଆ ପରଶ ନେଇ ଆସେ ପୁଣ୍ୟ ମାସ କାର୍ତ୍ତିକ। କୋଥଳିରେ ତା'ର ସାତ୍ତ୍ୱିକ ଭାବ ଭାବନା, ଘରେ ଘରେ ହବିଷ୍ୟ। ସଞ୍ଜହେଲେ ଉଠେ ଆକାଶ ଦୀପ। ସକାଳୁ ହୁଏ ଠାକୁରଙ୍କର ମଙ୍ଗଳ ଆଳତି। ନାମ ସଙ୍କୀର୍ତ୍ତନ - ପ୍ରଭାତୀ, ତୁଳସୀ ମୂଳରେ ସରୁ ମନର ନମୁନା-ପୁରୁଜ। ଭାଟ କୟେବାର ଆସି ଗାଇ ଦେଇଯାଏ "ରାମ କହେମନ କାମସରେ - ରଘୁନାଥ ବିନା ଦୁଃଖ କୋନ୍ ହରେ।" ଗାଁଟା ଯାକର ପୁଣ୍ୟ ଏଇ କାର୍ତ୍ତିକରେ; ମାତ୍ର ସହର କଥା ଭିନ୍ନ। ଇଂରାଜୀ ଚଳଣି ଜନଜୀବନକୁ ବାଇ କଲାଣି। ସେଠି ପାପପୁଣ୍ୟର ବିଚାର ବା କ'ଣ? ସହରୀମାନେ ଜାଣନ୍ତିନି ଆଉ ଏକ ଦୁନିଆ, ଅନ୍ୟ ଏକ ପୁର ଅଛି। ଅଦେଖା ହେଲେବି, ତାହାହିଁ ସତ୍ୟ। ସେଠି ସହରୀବାବୁ ମାନେ ପୁଣ୍ୟ ଅର୍ଜି ସାଇତି ରଖନ୍ତି କି ନାହିଁ, ତାହାହିଁ ତାଙ୍କୁ ଜଣା; ମାତ୍ର ଏଇ ମୂର୍ଖ ଗାଁଟା ଆଜି ସର୍ବସ୍ୱ ହରେଇ ଚାହିଁ ରହିଛି। ଅନ୍ତକାଳେ ବୈକୁଣ୍ଠରେ ବସିବା ଆଶା, କାର୍ତ୍ତିକ ପୁରାଣ ଶୁଣେ। ଏଇ ତ ଗାଁର ଧର୍ମବିଶ୍ୱାସ, ସରଳ ମଣିଷଙ୍କର ମାନବିକତା!

କାର୍ତ୍ତିକ ଅନ୍ତେ ଆସେ ମାର୍ଗଶୀର, ସବୁ ମାସ ମାନଙ୍କରେ ସାର, ଏହା ଭଗବଦ୍‌ଗୀତାରେ ମଧ୍ୟ ବର୍ଣ୍ଣିତ। ଏଇ ମାସରେ ଗାଁ ଗାଁରେ ଫସଲକଟାର ଉତୁରା ଗୀତ। ହଳଦୀ ଗୁରୁଗୁରୁ ଧାନକିଆରି, ଚଷାଭାଇର ଅମଳ ମାସ, ବର୍ଷକର ଆହାର, ଜାନିଯାତ୍ରା, ଝିଅ ବାହାଘର, ରୋଗ ବାଧ୍ୟବା ପାଇଁ ଔଷଧ-ଖର୍ଚ୍ଚ, ସବୁ ସେଇ ଚାଷରୁ । ମା' ଲକ୍ଷ୍ମୀ ହସିଉଠନ୍ତି। ଚଷାପୁଅର ଅପାର ଆନନ୍ଦ। ଘରେ ଘରେ ଗୁରୁବାର ଓଷା। ଧାନ ମାଣିକା ବସେ। ଲିପା ପୋଛା ଘର ଦୁଆରରେ ଲକ୍ଷ୍ମୀପାଦ। କାନ୍ଥରେ, ବାଡ଼ରେ ଝୋଟିଚିତା। ଘରେ ଲକ୍ଷ୍ମୀ, ମାଣ ଉପରେ ଲେଖା ମୁହୁଣ୍ଡାଟିଏ। ମାଣ ଭିତରେ ଶୁକ୍ଳ ଧାନର ମେଣ୍ଢା। ମା' ଲକ୍ଷ୍ମୀ ବିଜେ କରନ୍ତି। ଓଡ଼ିଆଣୀଟି ଭକ୍ତିପୂତ ନୈବେଦ୍ୟ ଲଗାଏ, ଧୂପଦୀପ ପ୍ରଦାନ ପୂର୍ବକ ଆରାଧନା କରେ। ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ପଢେ, "ଏକଘର କରାଉ ସହସ୍ର ଘର ଭାଙ୍ଗି - ସହସ୍ର ଘର କରାଉ ଏକଘର ଭାଙ୍ଗି।" ଆଜିଯାଏଁ ଯେମିତି ସେ ଲକ୍ଷ୍ମୀ କେବଳ ସହସ୍ରଘର କରାଇ ଆସିଛନ୍ତି ଏକ ଘର ଭାଙ୍ଗିବାପାଇଁ ।

ମା' ଲକ୍ଷ୍ମୀ ଆଣ୍ଠାଳ ବ୍ରାହ୍ମଣ, ସଭିଙ୍କ ଘରେ ପୂଜା ପାଉଛନ୍ତି, ଲକ୍ଷ୍ମୀପୂଜା ନୁହେଁ, ନାରୀ ଜାତିର ପୂଜା, ମାତୃଜାତିର ପୂଜା, ଗୃହଲକ୍ଷ୍ମୀର ପୂଜା। ସେଦିନ ପ୍ରଭୁ ବଳରାମ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ କହିଥିଲେ, "ଭାରିଯା ଅଟଇ ସିନା ପାଦର ପାଣ୍ଡୋଇ" - ଶେଷରେ ଭୁଲ ବୁଝିଲେ। ନାରୀ ସ୍ୱାଧୀନତା ପାଇଁ ତାଙ୍କ ମନ ବଳିଲା। ଜଗନ୍ନାଥଙ୍କ ମୁହଁରେ କୁହାଇଲେ- "ଆମ୍ଭେ ଦୋଷ କଲୁ ବୋଲି କହ ତାଙ୍କୁ ଯାଇ। ଯହିଁ ଇଚ୍ଛା ତହିଁ ଯାଅ ଆମ୍ଭର ମନା ନାହିଁ।" ଏଇ ମା', ଏଇ ମାତୃଜାତି, ସେ ନିଜର ସ୍ୱାଧୀନତା ନିଜ ପାଇଁ ଖୋଜିନଥିଲା। ସେ ସ୍ୱାଧୀନତା ଖୋଜିଥିଲା ଏଇ ଦଳିତ, ଅତ୍ୟାଚରିତ ଜାତିକୁ ଟେକି ଧରିବା ପାଇଁ। ଉଚ୍ଚନୀଚ କେହି ନାହିଁ, ରାଜା ରଙ୍କ ସମସ୍ତେ ସମାନ। ସେଦିନ ମା' ଲକ୍ଷ୍ମୀ ଜଗନ୍ନାଥଙ୍କୁ ସତ୍ୟ କରାଇ ନେଲେ- "ଚାଣ୍ଡାଳୁ ବ୍ରାହ୍ମଣ ଯାକେ ଖୁଆଖୋଇ ହେବେ/ ହାଡ଼ି ହସ୍ତୁ ବ୍ରାହ୍ମଣ ଯେ ଛଡାଇ ଖାଇବେ।" ଆଜି ସେଇ ଲକ୍ଷ୍ମୀଙ୍କର ପୂଜା ·ଲିଛି ଧାନମାଣିକାରେ; ମାତ୍ର ଗାଁ ଗାଁରେ ଯେଉଁ ଲକ୍ଷ୍ମୀମାନେ ଅଛନ୍ତି, ସେମାନେ ଅବହେଳିତା, ନିର୍ଯ୍ୟାତିତା, ସେମାନଙ୍କର ପୂଜା କାହିଁ? ଗାଁର ରତନୀ, ଦେବକୀମାନେ ତ କାଳେ କାଳେ ସମାଜରେ ଘୃଣିତା। ଏମାନଙ୍କ ପୂଜା ଉପାସନା ହିଁ ପ୍ରକୃତ ଲକ୍ଷ୍ମୀଙ୍କ ଉପାସନା।

ସହରୀ ଜୀବନ ଭାରି ଅଲଗା ଅଲଗା, ନାହିଁ ମାଣପୂଜା ଅନେକତ୍ର। କାର୍ଯ୍ୟରେ ନାହିଁ, ଭାବରେ ବା କାହୁଁ ଆସିବ? ସେଠି ଲକ୍ଷ୍ମୀ ମଣିଷର, ପୁରୁଷର ଗୋଲାମ, ଦାସୀ। ସହରର ଏଇ ବେପରଦା ଭିତରେ ବି ଘୃଣ୍ୟ ପରାଧୀନତା। ନାରୀ ସେଠି ପୁରୁଷର ନୁହେଁ, ତା' ପଇସାର ଦାସୀ। ଆଉ ସେଇ ଦାସୀତ୍ୱକୁ ନାରୀ ତା'ର ଅଙ୍ଗଭୂଷଣ କରି, ଆଭରଣ କରି ଗୌରବ ମଣୁଛି। ସହରରେ ଲକ୍ଷ୍ମୀ ·ଣ୍ଡାଳୁଣୀ ସାଜିଛନ୍ତି, ପରନ୍ତୁ ନିଷ୍ପେଷିତ। ଶୋଷିତର ବୁକୁ ଉପରେ ଠିଆ ହୋଇଛନ୍ତି। ଶୋଷଣକୁ ଅସ୍ୱୀକାର କରି ମହାକାଳୀର ନୃତ୍ୟ କରନ୍ତି। ଯେମିତି ଏଠି "ନିଜେ ନୀଚ, ହୀନ ହୋଇ ଲକ୍ଷ୍ମୀ ଆପଣାକୁ ବେଶଭୂଷାରେ ସଜାଇ ଉଚ୍ଚ ବୋଲି ପ୍ରମାଣ କରିବାକୁ ଚାହାନ୍ତି- ଦେଖେଇ ହେବାକୁ ଚାହାନ୍ତି।" ସହର, ମଫସଲରେ ଲକ୍ଷ୍ମୀପୂଜା, ଜୀବନ୍ତ ଲକ୍ଷ୍ମୀ ମଧ୍ୟରେ ଫାଙ୍କ ଫରକ। ସ୍ରଷ୍ଟା ଅତି ଚମତ୍କାର ଭାବେ ଦେଖାଇ ଦେଇଛନ୍ତି 'ହିଡ଼ମାଟି'ରେ। ସବୁ ଅଭାବ, ସବୁଦୈନ୍ୟ ସତ୍ତ୍ୱେ; ସେଇ ଲକ୍ଷ୍ମୀ ସା'ନ୍ତାଣୀଙ୍କ ଗାଁ, ମାଣବସା ଗାଁ ଆମର ଢେର୍ ଭଲ - ଶହେଗୁଣ ଭଲ ସହର ଠାରୁ।

ସେଇ ଗାଁ, ସେଇ ଗାଁ, ହିଡ଼ମାଟିର ଗାଁ ବଡ଼ ସୁନ୍ଦର ଭାରି ମିଠା। "ସେଇ ଗାଁ ଉପରେ ପୁଷମାସର ଖରା ଫୁସ୍‌ଫୁସ୍‌କି ଉଡ଼ିଯାଏ - ଧନୁମୁଆଁର ଲିଆ ପରି। ସେଇ ଗାଁରେ ମାଘମାସର ବାଘ ଶୀତ ଆସି ଅଗିରାରେ ପୋଡ଼ିମରେ। ସେଇ ଗାଁ ଫଗୁଣ ଫଗୁଖେଳରେ ଆଗୁଆ ହୋଇ କ୍ଷଣକ ପାଇଁ ଭିତରକୁ ସବୁ ଦୁଃଖକୁ ନାଲି ନାଲି ଅବିରରେ ଉଡ଼େଇ ଦିଏ। ଚଇତର ଚଇତାଳି ପବନରେ ଚଇତି ଘୋଡାର ଛିଟ ପଣତ ଉଡ଼ି ଚଢ଼େୟା, ଚଢ଼େୟାଣୀଙ୍କ କଳା ଚାରିଜାତି କହରେ ନାଗର ଧଳା ଚାରିଜାତି କହ ଗୀତର ତାଳ ଦେଇ ଦେଇ ନାଚେ।" ସେଇ ଅନୁପମା, ରୂପବତୀ, ଶୋଭମୟୀ ଗାଁ, ହିଡ଼ମାଟିର ଗାଁ, ଔପନ୍ୟାସିକ ନିତ୍ୟାନନ୍ଦ ମହାପାତ୍ରଙ୍କ ଲେଖନୀର କାଉଁରୀ ସ୍ୱର୍ଶରେ ସତେ ଯେମିତି ପାଲଟି ଯାଇଛି ମାଧୁର୍ଯ୍ୟମୟୀ, ଶୋକଦୁଃଖ ପାସୋରା, ସ୍ୱର୍ଗ ଶିରୀ ବିମଣ୍ଡିତା, ଆଭାମୟୀ, ବିଭାମୟୀ, ରୂପସୀଟିଏ; କାହାକୁ ବା ବାନ୍ଧି ନ ରଖିଛି ଆପଣାର ସ୍ନେହ ମମତା ଡୋରିରେ!

(ଲେଖକ ଜଣେ ସୁପରିଚିତ ପ୍ରାବନ୍ଧିକ ଓ ସମାଲୋଚକ)
ସା/ପୋ-ପୁରୁଷୋତ୍ତମପୁର
ଜି-କେନ୍ଦ୍ରାପଡା
ମୋ-୯୪୩୭୦୮୮୦୩୯

ଏ ସପ୍ତାହର କବିତା

ରାସ୍ତା



ପ୍ରତିଭା ପରିଡ଼ା

ନଈ ସେପାରିରେ ମହକିତ ଜ୍ୟୋତ୍ସ୍ନା...
ଅନ୍ଧାରର ଛାତି ଚିରି
ଆଲୋକର ତୃଷ୍ଣା ---
ଦିଗବଳୟ ଆରପାଖେ ପ୍ରଶାନ୍ତ ହିଲ୍ଲୋଳ,
କଣ୍ଠା ନାହିଁ ଗୋଲାପର ବନେ
ଐଶ୍ୱର୍ଯ୍ୟର ଦୀପ୍ତ କୋଳାହଳ ---
ସବୁଜ ବନାନୀ ଘେରା
ତନୁ ଲତିକାରେ,
ଶିହରିତ ମୁକୁଳା ସିଞ୍ଜିନୀ...
ସମର୍ପିତ ସୂର୍ଯ୍ୟସ୍ନାତ ବେଦିକାରେ,
ତୁ ପୁଣି ତୋ' ହୃଦୟ ବାସ୍ନା
ମଧୁ ସନ୍ଦୀପନି...
ଏତେ ସବୁ
ଛୁଇଁ ଛୁଇଁ ଯିବା ପାଇଁ ସାଥି !
ଏତେ ଟିକେ ଜୀବନରେ,
ହାୟ ! ରାସ୍ତା ଅଣ୍ଟିବନି---
++++++++++++++

ପାର୍କ ପାରାଡାଇଜ କଲୋନୀ, ରଘୁନାଥପୁର,ନନ୍ଦନକାନନ ରୋଡ଼,
ଭାୟା-କିଟ୍ ଛକ ଭୁବନେଶ୍ୱର -୭୫୧୦୨୪
ମୋବାଇଲ୍ -୮ ୯୧୭ ୬୦୩୮୪୪୨

ପୁସ୍ତକ ସମୀକ୍ଷା



ଲେଉଟାଣି ବେଳ

ଲେଖକ : ଡକ୍ଟର ମନୀନ୍ଦ୍ର ମହାନ୍ତି
ପ୍ରକାଶକ : ଅପର୍ଣ୍ଣା ପ୍ରକାଶନୀ, ଭଦ୍ରକ
ମୂଲ୍ୟ : ୩୫୦ ଟଙ୍କା
ପୃଷ୍ଠା : ୨୭୦

ଓଡ଼ିଶାର ଜଣେ ବିଶିଷ୍ଟ ଗବେଷକ, ସମାଲୋଚକ ଓ ଶିଶୁ ସାହିତ୍ୟିକ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ରଚିତ 'ଲେଉଟାଣି ବେଳ' ଆମର ହସ୍ତଗତ ହୋଇଛି । ଏହାକୁ ଇଂରାଜୀରେ Time of Return ବୋଲି ଏହି ପୁସ୍ତକରେ ମଧ୍ୟ ଉଲ୍ଲେଖ କରାଯାଇଛି । ଅବଶ୍ୟ ୨୦୨୫ରେ ଏହା ପ୍ରକାଶ ପାଇଥିଲା । ଏହାର ନାମକରଣଟି ବେଶ ଆନନ୍ଦଦାୟକ । ଅବଶ୍ୟ ଭିତର ପୃଷ୍ଠାରେ ଏହି ନାମକରଣ ପରେ ବନ୍ଧନୀ ମଧ୍ୟରେ 'ମୋ' ଡାଳିପକା ଜୀବନର କେତୋଟି ସୂଚନା' ବୋଲି ଲେଖାଯାଇଛି । ତେଣୁ ପୁସ୍ତକଟି ଡକ୍ଟର ମହାନ୍ତିଙ୍କର ଆତ୍ମଚରିତ ବା ଆତ୍ମଜୀବନୀ ବୋଲି ମଧ୍ୟ କୁହାଯାଇପାରେ । ମାତ୍ର ବହୁବିଧ ଘଟଣାବଳିର ବର୍ଣ୍ଣନା ଏଥିରେ ପ୍ରବନ୍ଧ ବା ସମାଲୋଚନା କ୍ଷେତ୍ରରେ ସଂକ୍ଷିପ୍ତ ନାମକରଣ ମଧ୍ୟରେ ଯେପରି ବର୍ଣ୍ଣିତ, ତାହା ଏକ ନିଃଶ୍ୱାସରେ ଆତ୍ମଚରିତ ପଢ଼ି ଶେଷ କରିବା ପରି ଲାଗିବ ନାହିଁ । ତଥାପି ଗବେଷଣା ଓ ଉଦାହରଣକୁ ପରିପୁଷ୍ଟ କରିବାକୁ ହେଲେ ଏପରି ପୁସ୍ତକ ଏକ ସହାୟକ ପୁସ୍ତକ ବୋଲି କୁହାଯାଇ ପାରିବ । ବିଭିନ୍ନ ତଥ୍ୟରେ ପରିପୂର୍ଣ୍ଣ ଏହି ଆତ୍ମଚରିତଟି ଯେ ସୁଖପାଠ୍ୟ, ଏଥିରେ ସନ୍ଦେହ ନାହିଁ । ଏହାର ପ୍ରଚ୍ଛଦପଟଟି ମଧ୍ୟ ଖୁବ୍ ଆକର୍ଷଣୀୟ ହୋଇଛି, ଯଦିଓ ଅଙ୍କନକାରାଙ୍କ ନାମୋଲ୍ଲେଖ କରାଯାଇନାହିଁ । ଏହି ଆତ୍ମଚରିତଟି ପାଠକ ମହଲରେ ନିଶ୍ଚୟ ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ ।

(ଗୁରୁକଲ୍ୟାଣ ମହାପାତ୍ର)

ହବିଷ ପାଳନ



ଡକ୍ଟର ସୁରେଶ କୁମାର ନାୟକ

ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ - ଏଇ ଚାରିମାସ ହେଉଛି ସୂର୍ଯ୍ୟଙ୍କର ଅୟନାନ୍ତ କାଳ। ସମ୍ଭବତଃ ଏହି ଅୟନାନ୍ତ ଦିବସ ମାନଙ୍କରେ ସୌରବଙ୍କ ଉପାସନା କରାଯାଇଥାଏ। ପୌରାଣିକ ଅନୁଧ୍ୟାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ। କୁମାର ପୂର୍ଣ୍ଣିମା ପରଦିନ ଠାରୁ ଆରମ୍ଭ ହୁଏ କାର୍ତ୍ତିକ ମାସ। ଏହି ଦିନଠାରୁ ହବିଷ୍ୟାଳୀମାନେ ହବିଷ କରନ୍ତି। ସଧବା ଓ ବିଧବା ଉଭୟ ହବିଷ କରନ୍ତି। ହେଲେ ବିଧବା ମାନଙ୍କୁ ହବିଷ କରିବାର ଅଧିକ ଦେଖାଯାଏ।

ବ୍ରାହ୍ମଣ କାର୍ତ୍ତିକ ମାସର ଆରମ୍ଭରେ ହବିଷ୍ୟାଳି ମାନଙ୍କୁ ସଂକଳ୍ପ କରନ୍ତି। ସଂକଳ୍ପ ପରେ ବ୍ରାହ୍ମଣଙ୍କୁ ହବିଷ୍ୟଳିମାନେ ଦାନ (ସଞ୍ଜା) ଦିଅନ୍ତି। ବିଧବା ହବିଷ୍ୟାଳିମାନେ ବ୍ରାହ୍ମଣଙ୍କୁ ସଞ୍ଜା ଆକାରରେ ଲୁଗା (ଧୋତି), ପନିପରିବା, ଚାଉଳ ଓ ଦକ୍ଷିଣା ଦେଇଥାନ୍ତି। ହେଲେ ସଧବା ହବଷ୍ୟାଳିମାନେ ବ୍ରାହ୍ମଣଙ୍କୁ ସଞ୍ଜା ଆକାରରେ ଧୋତି, ଶାଢ଼ୀ, ଚୁଡ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ପୁଣି...

କୌଣସି ବାତ୍ୟା ହୋଇନଥିଲା । ସେଗୁଡିକୁ ମଧ୍ୟ ଆନ୍ଧ୍ର ଓ ଓଡ଼ିଶାକୁ ପ୍ରଭାବିତ କରିଥିଲା । ଏବର୍ଷ ହେଉଛି ଏକ ଷ୍ଟ୍ରଙ୍ଗ ଏଲିନୋ ବର୍ଷ । ୧୯୮୭ରେ ମଧ୍ୟ ଅନୁରୂପ ସ୍ଥିତି ଥିଲା । ଗୋଟିଏ ଏଲିନୋ ପାଇଁ ବାତ୍ୟାର ଏଭଳି ଗତିବିଧି ଦେଖିବାକୁ ମିଳୁଛି । ୧୯୮୭ରେ ମଧ୍ୟ ମୌସୁମୀ ଋତୁରେ ସ୍ୱଭାବିକଠାରୁ କମ ବର୍ଷା ହୋଇଥିଲା । ଚଳିତ ବର୍ଷ ମଧ୍ୟ ସ୍ୱଭାବିକ ଠାରୁ କମ ବର୍ଷା ହୋଇଛି । ୧୯୮୭ରେ ପୂର୍ବାନୁମାନ ସର୍ତକ ସୂଚନା ଏତେ ଦୃଢ଼ ନଥିଲା । କିନ୍ତୁ ବର୍ତ୍ତମାନ ମୌସୁମୀ ବର୍ଷା ହେଉ ଲଘୁଚାପ ସଠିକ ଆକଳନ ହେଉଛି ବୋଲି ସେ କହିଛନ୍ତି । ତେବେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଭୟ ଏବେ ଲୋକଙ୍କ ମଧ୍ୟରେ ପୁଣି ଆତଙ୍କ ସୃଷ୍ଟି କରିଛି । ତେବେ ବାତ୍ୟା ଗଲାପରେ ପାଗ ବଦଳିଛି । ଆଗାମୀ ୬ରୁ ୭ ଦିନ ମଧ୍ୟରେ ବର୍ଷା ସମ୍ଭାବନା ନଥିବା ବେଳେ ରବିବାର ଠାରୁ ସମଗ୍ର ଓଡ଼ିଶାରେ ପାଗ ସୁଖିଲା ରହିବ । ଆଗାମୀ ୨ରୁ ୩ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ପରବର୍ତ୍ତୀ ୪ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ର ୨ରୁ ୩ଡିଗ୍ରୀ ସେଲସିଏସ ହ୍ରାସ ପାଇବ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତରଆଭ୍ୟନ୍ତରୀଣ ଓଡ଼ିଶା ସମେତ ଖୋର୍ଦ୍ଧା ଓ କୋରାପୁଟ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବ ଆଗାମୀ ଦିନରେ ରାଜ୍ୟରେ ଅଧିକାଂଶ ଜିଲ୍ଲାକୁ କୁହୁଡି ବ୍ୟାପିବାରର ସମ୍ଭାବନା ରହିଛି ।

କ୍ଷୟକ୍ଷତିର...

ବାହିନୀ, ବନ ଉନ୍ନୟନ ନିଗମ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଏବଂ ସମାଜସେବୀ, ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କ ଭୂମିକାକୁ ପ୍ରଶଂସା କରିବା ସହ ମାନ୍ୟବର ମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ବାତ୍ୟା ସମୟରେ ସମସ୍ତ ବ୍ୟବସ୍ଥା ଏବଂ ପରିଚାଳନାର ତଦାରଖ କରିଥିବାରୁ ମାନ୍ୟବର ରାଜସ୍ୱ ମନ୍ତ୍ରୀ ତାଙ୍କର ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଥିଲେ । ଏଥିସହ ବିପର୍ଯ୍ୟୟସମୟରେ ସଚେତନତା ସୃଷ୍ଟି, ସଠିକ୍ ସୂଚନା ପ୍ରସାରଣ ତଥା ଜନସାଧାରଣଙ୍କୁ ସତର୍କ କରିବାରେ ଏବଂ ବିଭିନ୍ନ ସ୍ଥାନର ସମସ୍ୟା ପ୍ରଶାସନର ଦୃଷ୍ଟିକୁ ତୁରନ୍ତ ଆଣି ତାହାର ସମାଧାନ ଦିଗରେ ଗଣମାଧ୍ୟମର ଭୂମିକାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ପ୍ରତିକୂଳ ସମୟରେ ପ୍ରସାଶନକୁ ସହଯୋଗ କରିଥିବା ରାଜ୍ୟବାସୀଙ୍କୁ ମଧ୍ୟ ସେ କୃତଜ୍ଞତା ଜଣାଇଛନ୍ତି ।

ଗଣମାଧ୍ୟମକୁ ସୂଚନା ଦେଇ ମାନ୍ୟବର ମନ୍ତ୍ରୀ କହିଛନ୍ତି, ବାତ୍ୟା ଓ ବର୍ଷା ଯୋଗୁଁ କେତେକ ଅଞ୍ଚଳରେ ଫସଲ କ୍ଷତି ହୋଇଥିବା ଏବଂ ଧାନ ଓଦା ହୋଇଯାଇଥିବା ଘଟଣା ନଜରକୁ ଆସିଛି । ଏଥିପାଇଁ କୃଷକମାନେ ଆଦୌ ବିଚଳିତ ନହେବାକୁ ମାନ୍ୟବର ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । କ୍ଷୟକ୍ଷତିର ସଠିକ୍ ଆକଳନ କରିବା ପାଇଁ ଆବଶ୍ୟକସ୍ଥଳେ ବରିଷ୍ଠ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଯିବ । ଏସ୍‌ଡିଆର୍‌ଏଫ୍ ଓ ଏନ୍‌ଡିଆର୍‌ଏଫ୍‌ର ପ୍ରଚଳିତ ନିୟମାବଳୀ ଅନୁଯାୟୀ ଫସଲ କ୍ଷତି ପାଇଁ ଇନପୁଟ୍ ସବସିଡି ପ୍ରଦାନ ଏବଂ ଫସଲ ବୀମାଭୁକ୍ତ କୃଷକଙ୍କୁ ବୀମା କ୍ଷତିପୂରଣ ଯଥାଶୀଘ୍ର ମିଳିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ।

ଓଦା ହୋଇଥିବା ଧାନକୁ ଶୁଖାଇବା ତଥା ଏହାର ସୁରକ୍ଷା ପାଇଁ ମଧ୍ୟ ସରକାର ଆବଶ୍ୟକ ବ୍ୟବସ୍ଥା କରିବେ । କୌଣସି କୃଷକ ଯେପରି ଅସୁବିଧାରେ ନପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ । ସାମ୍ପ୍ରତିକ ବାତ୍ୟା ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରେ ଦେଖାଦେଇଥିବା ସମସ୍ୟା ଏବଂ ରାଜ୍ୟର ବିଭିନ୍ନ ନଦୀ ଅବବାହିକାରେ ବନ୍ୟାଜନିତ ସମସ୍ୟାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟସରକାର । ଭବିଷ୍ୟତରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବକୁ ସର୍ବନିମ୍ନ କରିବା ଏବଂ ଜନଜୀବନ, କୃଷି ଓ ଭିତ୍ତିଭୂମିର କ୍ଷତି ହ୍ରାସ କରିବା ଉଦ୍ଦେଶ୍ୟରେ ରାଜ୍ୟର ଆଠଟି ପ୍ରମୁଖ ନଦୀ ସିଷ୍ଟମକୁ ନେଇ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ସମୀକ୍ଷା ବୈଠକ ଆୟୋଜନ କରାଯିବ ।

ଏହି ବୈଠକଗୁଡ଼ିକରେ ଜଳସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗଦେବେ । ମହାନଦୀ ନଦୀ ସିଷ୍ଟମ, ରେଙ୍ଗାଲି ଜଳଭଣ୍ଡାର ସିଷ୍ଟମ, ବ୍ରାହ୍ମଣୀ, ବୈତରଣୀ ଓ ଋଷିକୁଲ୍ୟା ନଦୀ ଅବବାହିକା ସମେତ ବିଭିନ୍ନ ନଦୀ ପ୍ରଣାଳୀର ସମସ୍ୟା ଓ ସମ୍ଭାବ୍ୟ ସମାଧାନ ଉପରେ ଆଲୋଚନା ହେବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ ଗଞ୍ଜାମ ଭଳି ଜିଲ୍ଲାରେ ବନ୍ୟା ଓ ନଦୀ ସହ ଜଡ଼ିତ ଅନ୍ୟାନ୍ୟ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯିବା ସହ ଏହି ସମ୍ବନ୍ଧରେ ବନ୍ୟା ପରବର୍ତ୍ତୀ ସମୀକ୍ଷା ପାଇଁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ନଦୀ ସିଷ୍ଟମଗୁଡ଼ିକୁ ନେଇ ବିସ୍ତୃତ ଆଲୋଚନାରେ ବିଗତ ବର୍ଷଗୁଡ଼ିକର ବନ୍ୟା ଓ ବାତ୍ୟାର ଅନୁଭୂତି, ଉପଲବ୍ଧ ତଥ୍ୟ ଓ ଡାଟାବେସ୍‌କୁ ଆଧାର କରି ଏକ ଦୀର୍ଘମିଆଦୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହେବ । କେଉଁଠାରେ ନଦୀବନ୍ଧ, ତତ୍ ସମ୍ପର୍କିତ ଭିତ୍ତିଭୂମି ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆବଶ୍ୟକ, କେଉଁଠାରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ବିପର୍ଯ୍ୟୟର ପ୍ରଭାବ କମାଯାଇପାରିବ, ସେସବୁ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ।

ଏହି ପ୍ରକ୍ରିୟାରେ ଆବଶ୍ୟକସ୍ଥଳେ ଆଇଆଇଟି ସମେତ ଅନ୍ୟାନ୍ୟ ପ୍ରତିଷ୍ଠିତ ବୈଷୟିକ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସହଯୋଗ ନିଆଯିବ । କ୍ରମାଗତ ବନ୍ୟା, ବାତ୍ୟା ପରି ବିପର୍ଯ୍ୟୟର ପ୍ରଭାବରେ ଫସଲ, ଘରଦ୍ୱାର ଓ ଭିତ୍ତିଭୂମିର କ୍ଷତି ସହ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ଏବଂ ବିକାଶମୂଳକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବା ଭଳି ସମସ୍ୟାର ସ୍ଥାୟୀ ସମାଧାନ ମଧ୍ୟ ଏହି ରୋଡମ୍ୟାପ୍‌ର ଅନ୍ୟତମ ଲକ୍ଷ୍ୟ ରହିବ ।

ପ୍ରକୃତିର ପରିବର୍ତ୍ତିତ ଆଚରଣ ଓ ବଢୁଥିବା ପ୍ରାକୃତିକ ବିପର୍ଯ୍ୟୟର ଆହ୍ୱାନକୁ ସାମ୍ନା କରିବା ପାଇଁ ଆମକୁ ଅଧିକ ସୁଦୃଢ଼, ବୈଜ୍ଞାନିକ ଓ ଦୀର୍ଘସ୍ଥାୟୀ ବ୍ୟବସ୍ଥା ଗଢ଼ିବାକୁ ପଡ଼ିବ । ରାଜ୍ୟ ସରକାର ଏ ଦିଗରେ ଏକ ସମନ୍ୱିତ ଓ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ସଂକଳ୍ପବଦ୍ଧ ବୋଲି ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଛନ୍ତି । ଶେଷରେ, ବିପର୍ଯ୍ୟୟ ସମୟରେ ରାଜ୍ୟବାସୀଙ୍କ ଧୈର୍ଯ୍ୟ, ସହଯୋଗ ଓ ପ୍ରଶାସନକୁ ସହଯୋଗ କରିବାର ମନୋଭାବକୁ ମନ୍ତ୍ରୀ ପ୍ରଶଂସା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

୨୫୦ କୋଟିରେ...

ଷ୍ଟେସନ, ସାଇବର ରିସୋର୍ସ ସେଣ୍ଟର ଏବଂ ଏଆଇ ପ୍ରେଡିକ୍ଟିଭ୍ ପୋଲିସିଙ୍ଗ୍ ଆଣ୍ଡ ଡାଟା ଆନାଲିଟିକ୍ସ ସେଣ୍ଟର ।

ପୁଅକୁ...

ସବୁ ରହସ୍ୟ ଖୋଲିଗଲା । ଜନ୍ମଦାତ୍ରୀ ମାଆ ହିଁ ହତ୍ୟାକାରୀ ବୋଲି ଜଣାପଡିଥିଲା ।

ସମ୍ବଲପୁର ଜିଲ୍ଲା ବିଶାଳଖଣ୍ଡା ଗ୍ରାମର ଲୋକେଶ୍ୱର ପ୍ରଧାନ(୨୨)ଙ୍କ ସହ ୨୦୨୪-୨୫ରେ ଯୁବତୀ ନାବାଳିକା ଥିବା ବେଳେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ବିବାହର ପ୍ରତିଶ୍ରୁତି ଦେଇ ଯୁବକ ଜଣକ ଶାରୀରିକ ସମ୍ପର୍କ ରଖିଥିଲେ । ନାବାଳିକା ଗର୍ଭବତୀ ହେବା ପରେ ଯୁବକ ବିବାହ କରିବାକୁ ମନା କରିଥିଲେ । ତେବେ ଜାନୁଆରୀ ୨୦୨୬ରେ ନାବାଳିକା ଜଣକ ମାତୃତ୍ୱ ଲାଭ କରିଥିଲେ । ତେବେ ତାଙ୍କର ପୁଅ ଜନ୍ମ ହୋଇଥିବା ବେଳେ ପ୍ରତାରିତ ପ୍ରେମିକ ପିଲାକୁ ମଧ୍ୟ ଗ୍ରହଣ କରିନଥିଲେ, ଏପରିକି ଟଙ୍କା ଟିଏ ବି ଦେଇ ନଥିଲେ । ପରିବାର ଲୋକେ ତାଙ୍କୁ ଘରୁ ବାହାର କରି ଦେଇଥିଲେ । ତେଣୁ ନିଜ ନବଜାତକ ପୁଅ ସହ ହରିଜନପଡା ମାମୁଁ ଘରେ ରହୁଥିଲେ । କୁମାରୀ ମାଆ ହେବାର କଳଙ୍କ, ଲୋକଙ୍କ ନିନ୍ଦା, ମାନସିକ ଚାପ ତାଙ୍କୁ ଭାଙ୍ଗି ଦେଇଥିଲା । ଶେଷରେ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ କହିଛି । ଏହି ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଛି । ଶିଶୁ ହତ୍ୟା ମାମଲାରେ କେଶ୍ ନଂ ୨୧୦/୨୦୨୬ ରେ ମାଆଙ୍କୁ ଗିରଫ କରାଯାଇଛି । ଆଉ ନାବାଳିକା ସହ ସମ୍ପର୍କ ମାମଲାରେ କେସ୍ ନଂ ୨୧୧/୨୦୨୬ ରେ ପୋକ୍ସୋ ଆକଫ ଲଗାଇ ପ୍ରେମିକ ଲୋକେଶ୍ୱର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

ନୂଆପାଲି ସ୍କୁଲର ୫ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍

କଣ୍ଟାମାଳ, (ସବୁ୍ୟ) : ବାତ୍ୟା "ଅକବନ'ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ, ତହସିଲଦାର ଏବଂ ସରକାରୀ କର୍ମଚାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । ଏହି ନିର୍ଦ୍ଦେଶ ଉଲ୍ଲଂଘନ କରି ମୁଖ୍ୟାଳୟରେ ବିନା ଅନୁମତିରେ ଅନୁପସ୍ଥିତ ରହିଥିବା ଅଭିଯୋଗରେ ୫ ଜଣ ସରକାରୀ କର୍ମଚାରୀଙ୍କୁ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ନୋଟିସ ପାଇଥିବା କର୍ମଚାରୀମାନେ ହେଲେ ନୂଆପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଭବାନୀ ଶଙ୍କର ପାଣିଗ୍ରାହୀ, ନୂଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତ୍ରୀ, ସହକାରୀ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ, ସୌଦାଗର ମାଝୀ ଏବଂ କନିଷ୍ଠ କିରାଣି ପ୍ରେମରାଜ ରଣା ।

ଭିଜିଲାନ୍ସ ଜାଲରେ ଏମ୍‌ଆଇଏସ୍

ଆବାସ ଯୋଜନା ବିଲ୍ କରାଇବାକୁ ନେଉଥିଲେ ଲାଞ୍ଚ

ଜୁନାଗଡ଼ (ସବୁ୍ୟ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ରେ ସରକାରୀ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶେଷ ବିଲ କରାଇଦେବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶନିବାର ଜୁନାଗଡ଼ ଏନଏସିର ଏମଆଇଏସ ପ୍ରଦ୍ୟୁମ୍ନ କୁମାର ଦାସ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ସୂଚନା ଅନୁଯାୟୀ,



ଜଣେ ଆବାସ ଯୋଜନା ହିତାଧିକାରୀଙ୍କ ଘର ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଶେଷ ବିଲ ପ୍ରସ୍ତୁତ କରିବା ପାଇଁ ସମ୍ପୃକ୍ତ କର୍ମଚାରୀ ୭ ହଜାର ଟଙ୍କା ଦାବି କରିଥିଲେ । ଏନେଇ ହିତାଧିକାରୀ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ଶନିବାର ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ଅଧିକ ପଚରାଉଚରା ଓ ତଦନ୍ତ ପାଇଁ ଭବାନୀପାଟଣାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଛନ୍ତି ।

ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ମହାପାତ୍ରଙ୍କର ଅକାଳ ବିୟୋଗ

ଭୁବନେଶ୍ୱର (ସବୁ୍ୟ) : କେନ୍ଦ୍ର ସରକାରଙ୍କ ଅଧିନ ଇଷ୍ପାତ ବିଭାଗର ବିପିଏନଏସଆଇ ଉପଅଧିକାରୀ ବିଶ୍ୱନାଥ ମହାପାତ୍ରଙ୍କର ଅକାଳ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୯ ବର୍ଷ ବୟସ ହୋଇଥିଲା । ଶେଷ ଶଯ୍ୟା ନିକଟରେ ପତ୍ନୀ ନିରୁପମା ମହାପାତ୍ର, ଅନ୍ତାନ ଅଙ୍କିତା ପ୍ରିୟଦର୍ଶିନୀ ଓ ସାଇନା କିରଣ ଉପସ୍ଥିତ ଥିଲେ । ଗତ କିଛି ମାସ ହେବ ସେ ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ । ସେ ଏକା ଧାରରେ ଜଣେ କ୍ରିଡାବିତ, ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ପରେ ଓକିଲାତି ଏବଂ ପ୍ରଶାସନିକ ଅଧିକାରୀ ଥିଲେ । ସାହିତ୍ୟ, ସଙ୍ଗୀତ, କଳା, ନାଟକ, କ୍ରୀଡ଼ା, ଫଟୋଗ୍ରାଫି ଥିଲା ତାଙ୍କର ନିଶା । ତାଙ୍କର ଅନେକ ଗଳ୍ପ, କବିତା, ଉପନ୍ୟାସ ବିଭିନ୍ନ ପତ୍ର, ପତ୍ରିକାରେ ପ୍ରକାଶ ପାଇଛି । ତାଙ୍କ ରଚିତ ଏକାଧିକ ନାଟକ ରାଜ୍ୟ ସ୍ତରୀୟ ନାଟକ ପ୍ରତିଯୋଗିତାରେ ପୁରସ୍କୃତ ହୋଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ତାଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶିତ ୫୦ ରୁ ଉଦ୍ଧର୍ ନାଟକ ପୁରସ୍କୃତ ହୋଇଛି । ସେ ବହୁ ନାଟକ ଓ ଚଳଚିତ୍ରରେ ମଧ୍ୟ ଅଭିନୟ କରି ନିଜ କଳା ର ପରାକାଷ୍ଠା ପ୍ରତିପାଦନ କରିଛନ୍ତି । ସେ କଳା, ସାହିତ୍ୟ, କ୍ରୀଡ଼ା ଆଦି କ୍ଷେତ୍ରରେ ବହୁ ରାଜ୍ୟ ସ୍ତରୀୟ ସମ୍ମାନର ଅଧିକାରୀ ଥିଲେ । ତାଙ୍କ କୃତି ସମ୍ପର୍କରେ ଲେଖିବାକୁ ସ୍ଥାନର ଅଭାବ ।

ଏଭଳି ଜଣେ ବିରଳ କୃତିର ବ୍ୟକ୍ତିଙ୍କ ଅକାଳ ବିୟୋଗରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉଚ୍ଚଶିକ୍ଷା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶି ସୂରଜ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ପ୍ରଦୀପ ପଳବନ୍ତରାୟ,



ପୁରୀ ସାଂସଦ ସମ୍ବିତ ପାତ୍ର,ପୁରୀ ବିଧାୟକ ସୁନିଲ ମହାନ୍ତି, ରାଜ୍ୟ ସଭା ସାଂସଦ ସୁଭାଶିଷ ଖୁଂଟିଆ,ଯାଜପୁର ସାଂସଦ ରବିନ୍ଦ୍ର ନାଥ ବେହେରା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠି,ବିଜୁ ଜନତା ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର,ବିରୋଧି ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ବାତ୍ୟାରେ ଫସଲ କ୍ଷତିପୂରଣ ଦାବି

ଦାବିପତ୍ର ଦେଲା ରାଜବୋଡ଼ାସମ୍ବର କୃଷକ ସଂଗଠନ

ପଦ୍ମପୁର,(ସବୁ୍ୟ) : ଆକାନ ବାତ୍ୟା ପ୍ରଭାବରେ ପଦ୍ମପୁର ଅଞ୍ଚଳରେ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ କରିଛି ରାଜବୋଡ଼ାସମ୍ବର କୃଷକ ସଂଗଠନ । ଏନେଇ ସଂଗଠନ ପକ୍ଷରୁ ସହକାରୀ ଜିଲ୍ଲାପାଳ ଡଲି ମେହେରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯିବା ସହ ଚାଷୀଙ୍କ ସମସ୍ୟା ନେଇ ଆଲୋଚନା କରାଯାଇଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଗୋଟିଏ ମାସ ମଧ୍ୟରେ ଲଗାତାର ତିନୋଟି ବାତ୍ୟାର ପ୍ରଭାବରେ ବିଶେଷକରି ପଦ୍ମପୁର ଅଞ୍ଚଳର ବିଭିନ୍ନ ବ୍ଲକରେ ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି । ପ୍ରବଳ ବର୍ଷା ସାଙ୍ଗକୁ ଜୋର ପବନ ଯୋଗୁଁ ଅନେକ ସ୍ଥାନରେ ଧାନଗଛ ମାଟିରେ ଲୋଟିପଡ଼ିଛି । ଫଳରେ ପାଣିରେ ପଡ଼ି ଧାନ ପଚିଯିବା ସହ ଗଜା ହୋଇ ନଷ୍ଟ ହେଉଛି । ଏପରି ସ୍ଥିତିରେ ହାର୍ଭେଷ୍ଟର ମେସିନରେ ଧାନ ଅମଳ କରିବାକୁ ଅଧିକ ଖର୍ଚ୍ଚ ହେଉଥିବା ବେଳେ ଶ୍ରମିକଙ୍କ ଦ୍ୱାରା ଧାନ ଅମଳ କରିବା ମଧ୍ୟ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଛି । ଏହାସହ ରାଜସ୍ୱ ବିଭାଗର ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ଇନପୁଟ ସବସିଡି ପାଇଁ ଆବେଦନ କଲେ ଟୋକନ ଆସିବ ନାହିଁ ବୋଲି କୁହାଯାଉଥିବା ଅଭିଯୋଗ କରିଛି ସଂଗଠନ । ଫଳରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ପାଇବେ କି ନାହିଁ, ସେନେଇ ଚାଷୀଙ୍କ ମଧ୍ୟରେ ଦ୍ୱନ୍ଦ ଦେଖାଦେଇଛି ।

ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଟୋଲ ଫ୍ରି ନମ୍ବର ୧୭୭୬୪କୁ ଫୋନ କଲେ ଠିଆ ଧାନର କ୍ଷତି ପାଇଁ କ୍ଷତିପୂରଣ ମିଳିବ ନାହିଁ ବୋଲି କୁହାଯାଇ ଫୋନ କାଟି ଦିଆଯାଉଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ଏଭଳି ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀ କ'ଣ କରିବେ, ତାହା ନେଇ ଅନିଶ୍ଚିତତା ଦେଖାଦେଇଛି । ଆଲୋଚନା ସମୟରେ ସହକାରୀ ଜିଲ୍ଲାପାଳ ଡଲି ମେହେର କହିଥିଲେ ଯେ, ବର୍ଷାଜନିତ କାରଣରୁ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଥିଲେ ଚାଷୀ କ୍ଷତିପୂରଣ ପାଇବେ । ଏଥିପାଇଁ କ୍ଷତିଗ୍ରସ୍ତ ଚାଷୀମାନେ ଆବେଦନ କରିବା ସହ ବଳକା ଧାନ ମଧ୍ୟ ବିକ୍ରି କରିପାରିବେ । ଏହାସହ ଫସଲ କ୍ଷତି ସମ୍ପର୍କରେ ବୀମା କମ୍ପାନୀକୁ ମଧ୍ୟ ଅବଗତ କରାଇବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ପଦ୍ମପୁର ଅଞ୍ଚଳରେ ଆଗୁଆ ଧାନ ଅମଳ ହେଉଥିବାରୁ ମଣ୍ଡି ନଭେମ୍ବର ପ୍ରଥମ ସପ୍ତାହରୁ ଖୋଲାଯାଇଥାନ୍ତା ତେବେ ବର୍ତ୍ତମାନ ଅମଳ ହୋଇ ସଂରକ୍ଷିତ ଧାନ ନଷ୍ଟ ହୋଇନଥାନ୍ତା ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ତେଣୁ ଆସନ୍ତା ୨୫ ତାରିଖ ମଧ୍ୟରେ ମଣ୍ଡି ଖୋଲିବା ସହ କୌଣସି ବାଛବିଚାର ନକରି ଚାଷୀଙ୍କ କଷ୍ଟୋପାର୍ଜିତ ସମସ୍ତ ଧାନ କିଣିବାକୁ ସଂଗଠନ ଦାବି କରିଛି । ରାଜବୋଡ଼ାସମ୍ବର କୃଷକ ସଂଗଠନ ସଭାପତି ସୁବାସ ସମନ୍ତରାୟଙ୍କ ନେତୃତ୍ୱରେ ଲିଙ୍ଗରାଜ ପଧାନ, ପ୍ରଶାନ୍ତ ପଧାନ, ରୋହିତ ପଧାନଙ୍କ ସମେତ ବହୁ ଚାଷୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଆଇସିଏଆର୍-ସିୱା ପକ୍ଷରୁ ଆୟୋଜିତ

ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ମେଳା ଉଦଯାପିତ

ଭୁବନେଶ୍ୱର,(ସବୁ୍ୟ): ଭୁବନେଶ୍ୱର ସ୍ଥିତ ଆଇସିଏଆର-ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଫର୍ ୱିମେନ ଇନ ଏଗ୍ରିକଲଚର୍ (ସିୱା) ଠାରେ ଆୟୋଜିତ ୩ ଦିନିଆ ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ମେଳା ଶନିବାର ଉଦଯାପିତ ହୋଇଯାଇଛି । କୃଷି-ଖାଦ୍ୟ ବ୍ୟବସ୍ଥାରେ ମହିଳାଙ୍କ ନେତୃତ୍ୱ, ଉଦ୍ୟୋଗୀତା ଏବଂ ଅଂଶଗ୍ରହଣକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ମେଳା ଆୟୋଜିତ ହୋଇଥିଲା । କୃଷି-ଖାଦ୍ୟ ବ୍ୟବସ୍ଥାରେ ମହିଳା ସଶକ୍ତୀକରଣ ମହୋତ୍ସବ ବିଷୟବସ୍ତୁ ଉପରେ ଆଧାରିତ ଏହି ମେଳା, କୃଷି କ୍ଷେତ୍ରରେ ନୂତନ ଉଦ୍ଭାବନ ଗୁଡ଼ିକୁ ଚାଷୀଙ୍କ ଆବଶ୍ୟକତା ସହ ଯୋଡ଼ିବା ଏବଂ ପୂର୍ବାଞ୍ଚଳରେ ଅନ୍ତର୍ଭୁକ୍ତମୂଳକ ତଥା ନିରନ୍ତର କୃଷି ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସାଜିଛି । ଏହି ମେଳାରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ଚାଷୀ, ମହିଳା କୃଷକ, ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ ୍ଠୀ , କୃଷକ ଉତ୍ପାଦକ ସଂଗଠନ ଏବଂ ବିଭିନ୍ନ କୃଷି ଅନୁଷ୍ଠାନର ୧୦,୦୦୦ରୁ ଅଧିକ ଅଂଶଗ୍ରହଣକାରୀ ଏକତ୍ରିତ ହୋଇଥିଲେ । ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କୃଷକ, ମହିଳା କୃଷକ, କୃଷି ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ସରକାରୀ ଅଧିକାରୀ, ଉଦ୍ୟୋଗୀ, ପ୍ରଦର୍ଶକ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସମେତ ଯୋଗ ଦେଇଥିଲେ । ଆଇସିଏଆର-ସିୱାର ନିର୍ଦ୍ଦେଶକ ଡକଫର ମୃଦୁଳା ଦେବୀ, ବିଶିଷ୍ଟ ବ୍ୟକ୍ତି ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ



ଏବଂ ଚାରୋଟି ପୂର୍ବାଞ୍ଚଳ ରାଜ୍ୟର କୃଷି ଅଂଶୀଦାରମାନଙ୍କ ମଧ୍ୟରେ ଜ୍ଞାନ ଆଦାନପ୍ରଦାନ, ପ୍ରଯୁକ୍ତିବିଦ୍ୟା ପ୍ରସାର ଏବଂ ସାଂଗଠନିକ ନେଟୱାର୍କିଂକୁ ସୁଗମ କରିବାରେ ମେଳାର ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆଇସିଏଆର-ସିଓ୍ୱାର ବିଭାଗୀୟ ମୁଖ୍ୟ ଡ଼. ଏ.କେ. ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ରେଳ ଷ୍ଟେସନ ରାସ୍ତାରେ ନାହିଁ ହମ୍ପସ୍, ବଢୁଛି ଦୁର୍ଘଟଣା - ହମ୍ପସ୍ ନିର୍ମାଣ ପାଇଁ ଦାବି

ଜଟଣୀ, (ସବୁ୍ୟ): ସ୍ଥାନୀୟ ରେଳ ଲୋକୋ କଲୋନୀ ପଟ ରେଳ ଷ୍ଟେସନ୍ ରାସ୍ତା ଏବେ ଦୁର୍ଘଟଣାର ରାସ୍ତା ପାଲଟିଛି । ଏହି ରାସ୍ତାରେ ଥିବା ଚିଫ କ୍ରିଉ କଣ୍ଟ୍ରୋଲ କାର୍ଯ୍ୟାଳୟ ଓ କଲୋନୀ ମଧ୍ୟକୁ ରାସ୍ତା ଓ ଷ୍ଟେସନ ସମ୍ମୁଖ ଥିବାରୁ ଏକ ପ୍ରମୁଖ ଛକ ହୋଇଥିଲେ ହେଁ ହମ୍ପସ୍ ନଥିବା ଫଳରେ ବାଇକ୍, ଅଟୋ, କାର୍ ବହୁତ ଜୋରରେ ଯାଉଛି ସେଥିପାଇଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ।ଏହି ଷ୍ଟେସନ୍ ରାସ୍ତାରେ ସକାଳୁ ସନ୍ଧ୍ୟା ଯାଏଁ ଭିଡ଼ ଲାଗି ରହୁଛି । ଟ୍ରେନ୍ ଧରିବାକୁ ଯାଉଥିବା ଯାତ୍ରୀ, ସ୍କୁଲ୍ ଛୁଆ, ମହିଳା, ବୟସ୍କ ଲୋକେ ଏହି ରାସ୍ତାରେ ଚାଲୁଛନ୍ତି । କିନ୍ତୁ ସ୍ପିଡ୍ ରେ ଯାଉଥିବା ଗାଡ଼ି ଯୋଗୁଁ ସମସ୍ତେ ଭୟରେ ଚାଲୁଛନ୍ତି ।ବିଶେଷ କରି ସ୍କୁଲ୍ ଛୁଟି ବେଳେ ଓ ଟ୍ରେନ୍ ଆସିବା ବେଳେ ଏହି ରାସ୍ତାରେ ଅଧିକ ଦୁର୍ଘଟଣା ଘଟୁଛି । କିଛି ଦିନ ତଳେ ବି ଏହି ରାସ୍ତାରେ ଦୁର୍ଘଟଣା ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି ।ଏ ନେଇ ସ୍ଥାନୀୟ ଲୋକଙ୍କ ଦାବି କରିଛନ୍ତି ବଡ଼ ଦୁର୍ଘଟଣା ଘଟିବା ଆଗରୁ ହମ୍ପସ୍ ନିର୍ମାଣ କରାଯାଉ ଓ ସ୍ପିଡ୍ କମ୍ କରିବା ପାଇଁ ସାଇନ୍ ବୋର୍ଡ ଲଗାଯାଉ ।

ଓଡ଼ିଶାରେ ବିଧାୟକ ହାତପାଣ୍ଠିର ପ୍ରାୟ ୯୦୦ କୋଟି ଟଙ୍କା ଅବ୍ୟବହୃତ : କଂଗ୍ରେସ

ଭୁବନେଶ୍ୱର,(ସବୁ୍ୟ): କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ସଚିବ ତଥା ପଶ୍ଚିମବଙ୍ଗ କଂଗ୍ରେସ ସହ-ପ୍ରଭାରୀ ଭାବେ ନିଯୁକ୍ତ ଡ଼. ଦେବାଶିଷ ପଟ୍ଟନାୟକଙ୍କୁ ମିଡିଆ ଅଧ୍ୟକ୍ଷ ଅରବିନ୍ଦ ଦାସ, ପିସିସି ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାସ ଓ ଡ଼. ମନିଷା ଦାସ ପଟ୍ଟନାୟକ, ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ । ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼. ଦେବାଶିଷ ପଟ୍ଟନାୟକ କହିଥିଲେ, ଫିକିର ଶତବାର୍ଷିକୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କର୍ପୋରେଟ ସଂସ୍ଥାଗୁଡ଼ିକର ଲାଭଖୋର ମନୋଭାବ, କର୍ମଚାରୀଙ୍କ ଦରମା ବୃଦ୍ଧି ନକରିବା ଓ ଛଟେଇ ଭଳି ପଦକ୍ଷେପକୁ ନେଇ ସମାଲୋଚନା କରିଛନ୍ତି । ଆଜି ଦେଶର ସାଧାରଣ ଲୋକ ମୁଦ୍ରାସ୍ଫୀତି, ଦରବୃଦ୍ଧି ଓ ଆୟର ଅଭାବରେ ଜୀବନ ଚଳାଇବାକୁ ସଂଘର୍ଷ କରୁଛନ୍ତି । ଛୁଞ୍ଚିଠାରୁ ଔଷଧ ପର୍ଯ୍ୟନ୍ତ ଅନେକ ସାମଗ୍ରୀର ମୂଲ୍ୟ ବଢୁଥିବା ବେଳେ କର୍ପୋରେଟ୍‌ଙ୍କ ଲାଭ ବଢୁଛି, କିନ୍ତୁ ସାଧାରଣ ଲୋକଙ୍କ କ୍ରୟକ୍ଷମତା ହ ୍ରାସ ପାଉଛି । ଅନ୍ୟପକ୍ଷରେ, ଡ଼. ମନିଷା ଦାସ ପଟ୍ଟନାୟକ କହିଥିଲେ, ଓଡ଼ିଶାରେ ବିକାଶର ବଡ଼ ବଡ଼ ଘୋଷଣା ଓ ଆର୍ଥିକ ଆବଣ୍ଟନର ପ୍ରଚାର ଚାଲିଥିବା ବେଳେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିର ଅର୍ଥ ବିନିଯୋଗକୁ ନେଇ ସରକାରଙ୍କ ତଥ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ । ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ଉଦ୍ଦିଷ୍ଟ ଏହି ପାଣ୍ଠିର ପ୍ରାୟ ୯୦୦ କୋଟି ଟଙ୍କା ଦୁଇଟି ଆର୍ଥିକ



ବର୍ଷରେ ଖର୍ଚ୍ଚ ହୋଇନପାରିବା ସରକାରଙ୍କ ପ୍ରଶାସନିକ ଅକ୍ଷମତା ଓ ଯୋଜନା କାର୍ଯ୍ୟାନ୍ୱୟନର ବିଫଳତାକୁ ପଦାରେ ପକାଉଛି ।

ମୁଖ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୪-୨୫ରେ ୪୪୧ କୋଟି ଟଙ୍କା ଆବଣ୍ଟନ ହୋଇଥିବା ବେଳେ ୧୯୮ କୋଟି ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ପ୍ରାୟ ୨୪୨ କୋଟି ୯୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିନଥିଲା । ୨୦୨୫-୨୬ରେ ୭୩୧ କୋଟି ୩୨ ଲକ୍ଷ ଟଙ୍କା ଆବଣ୍ଟନ ହୋଇଥିବା ବେଳେ ମାତ୍ର ୭୭ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ୬୫୪ କୋଟି ୧୦ ଲକ୍ଷ ଟଙ୍କା ଅବ୍ୟବହୃତ ରହିଛି । ଦୁଇ ବର୍ଷରେ ମୋଟ ୧,୧୭୨ କୋଟି ୩୨ ଲକ୍ଷ ଟଙ୍କା ଆବଣ୍ଟନ ହୋଇଥିବା ବେଳେ ମାତ୍ର ୨୭୫ କୋଟି ୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ପ୍ରାୟ ୮୯୭ କୋଟି ଟଙ୍କା ଅବ୍ୟବହୃତ ରହିଛି ।ଆହୁରି ଉଦ୍‌ବେଗଜନକ ହେଉଛି, ୨୦୨୫-୨୬ରେ ରାଜ୍ୟର ୪୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକଙ୍କ ହାତପାଣ୍ଠିରୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇନାହିଁ ।

ଅନୁଗୋଳ ସ୍ମେଲଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ

କାର୍ଯ୍ୟାନ୍ୱୟନ ନିମନ୍ତେ ନାଲ୍‌କୋର ବୈଠକ

ଭୁବନେଶ୍ୱର, (ସବୁ୍ୟ): ନାଲକୋ ପକ୍ଷରୁ ଅନୁଗୋଳ ସ୍ଥିତ ସ୍ମେଲଟର ର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ନିମନ୍ତେ ସଂଶ୍ଳିଷ୍ଟ ଶିଳ୍ପ ପ୍ରତିଷ୍ଠାନ ଏବଂ ସଂଗଠନଗୁଡ଼ିକଙ୍କ ସହ ଶୁକ୍ରବାର ଭୁବନେଶ୍ୱରଠାରେ ଏକ ପାରସ୍ପରିକ ଆଲୋଚନା ବୈଠକ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ଭାରତ ତଥା ବିଦେଶର ପ୍ରାୟ ୪୦ଟି ସଂସ୍ଥାର ୧୪୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ଯେଉଁଥିରେ ପ୍ରଯୁକ୍ତିବିଦ୍ୟା ଅଂଶୀଦାର, ଉପକରଣ ନିର୍ମାତା, ଇପିସି ଠିକାଦାର ଏବଂ ପରାମର୍ଶଦାତା ସାମିଲ ଥିଲେ । ଏହି ଅବସରରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ନାଲକୋର ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଭାରତରେ ଆଲୁମିନିୟମ କ୍ଷେତ୍ରର ବ୍ୟାପକ ଅଭିବୃଦ୍ଧି ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଦେଶରେ ବାର୍ଷିକ ୧୦ ଲକ୍ଷ କୋଟିରୁ ଅଧିକ ଭିତ୍ତିଭୂମି ନିବେଶ ସହିତ ବିଦ୍ୟୁତ୍, ପରିବହନ, ଭିତ୍ତିଭୂମି, ପ୍ୟାକେଜିଂ, ବୈଦ୍ୟୁତିକ ଯାନବାହନ ଏବଂ ଗ୍ରାମୀଣ ବିଦ୍ୟୁତୀକରଣ ଭଳି କ୍ଷେତ୍ରରେ ବଢୁଥିବା ବ୍ୟବହାର ଯୋଗୁଁ ଆଗାମୀ ଦିନରେ ଆଲୁମିନିୟମର ଚାହିଦା ଯଥେଷ୍ଟ ବୃଦ ୍ଧି ପାଇବାର ସମ୍ଭାବନା ରହିଛି । ନାଲକୋ ଅନୁଗୋଳ ସ୍ମେଲଟର ର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରି, ବ୍ୟୟ ଏବଂ ସମୟସୀମାର ବ୍ୟତିକ୍ରମକୁ ଏଡ଼ାଇବା, ଘରୋଇ ମୂଲ୍ୟ ଅଭିବୃଦ୍ଧି, ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ଏବଂ



ଗୁଣବତ୍ତା ପ୍ରତି ନିରନ୍ତର ପ୍ରତିବଦ୍ଧତା ଭଳି ବିଷୟ ଉପରେ ସେ ଗୁରୁତ୍ୱ ଦେଇଥିଲେ । ବାଣିଜ୍ୟିକ ସର୍ତ୍ତରେ କୌଣସି ବ୍ୟତିକ୍ରମ ନ ରଖିବା, ସମୟବଦ୍ଧ ଟେଣ୍ଡରିଂ-ଟୁ-ଅର୍ଡରିଂ, କାର୍ଯ୍ୟାବଳୀରେ ସ୍ୱଚ୍ଛତା ତଥା ଦେୟ ସର୍ତ୍ତାବଳୀ ଏବଂ ଏକ ଦୃଢ଼ ପ୍ୟାକେଜିଂ ବ୍ୟବସ୍ଥା ଇତ୍ୟାଦି ବିଷୟ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରିଥିଲେ ।ସମ୍ବଳ, ପ୍ରଯୁକ୍ତିବିଦ୍ୟା ସହଭାଗୀତା ଏବଂ ସଂସ୍ଥାଗତ ପ୍ରତିବଦ୍ଧତା ଦୃଷ୍ଟିରୁ ନାଲକୋର ପ୍ରସ୍ତୁତିକୁ ପୁନଃ ନିଶ୍ଚିତ କରି, ସେ ଶିଳ୍ପ ଅଂଶୀଦାରମାନଙ୍କୁ ନିର୍ଦ୍ଧାରିତ ବ୍ୟୟ, ସମୟସୀମା ତଥା ବିଶ୍ୱସ୍ତରୀୟ ମାନଦଣ୍ଡ ଅନୁଯାୟୀ ପ୍ରକଳ୍ପ ସଫଳ ହସ୍ତାନ୍ତର କରିବା ପାଇଁ ଆନ୍ତରିକ ସହଯୋଗର ମନୋଭାବ ପୋଷଣ କରିବା ଉପରେ ଜୋର ଦେଇଥିଲେ ।

ଜଗଦୀଶ ଆରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ), ନିଜ ବକ୍ତବ୍ୟରେ ନାଲକୋର ପ୍ରଭାବଶାଳୀ ଯୋଜନା ଏବଂ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ପ୍ରସ୍ତୁତି ପର୍ଯ୍ୟାୟରୁ ହିଁ ଶିଳ୍ପ ଅଂଶୀଦାରମାନଙ୍କୁ ସାମିଲ କରିବାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ସମନ୍ୱିତ ଆଲୁମିନିୟମ୍ ଉତ୍ପାଦନରେ ନାଲକୋର ଦୀର୍ଘ ଚାରି ଦଶନ୍ଧିର ଯାତ୍ରା ଉପରେ ଆଲୋକପାତ କରି, ସେ କମ୍ପାନୀର ପରବର୍ତ୍ତୀ ପ୍ରମୁଖ ଅଭିବୃଦ୍ଧି ପଦକ୍ଷେପ ଉପରେ ସୂଚନା ପ୍ରଦାନ କାରିଥିଲେ । ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍ ର ୪୭୩ କେଏ ଯୁକ୍ତ ଉନ୍ନତ ଡି ଏକ୍ସ ପ୍ଲସ ଅଲ୍ଲୁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ ଅନୁଗୋଳ ସ୍ଥିତ ସ୍ମେଲ୍ଟରର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଦ୍ୱାରା ପ୍ରତିବର୍ଷ ୦.୫ ନିୟୁତ ଟନ୍ ଆଲୁମିୟମ ଉତ୍ପାଦିତ ହେବ । ସନ୍ତୁଳିତ ପ୍ୟାକେଜ୍ ଗଠନ, ସ୍ପଷ୍ଟ ଇଣ୍ଟରଫେସ୍, ବର୍ଦ୍ଧିତ ସ୍ଥାନୀୟକରଣ ଏବଂ ଦୀର୍ଘକାଳୀନ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତାକୁ ସେ ଗୁରୁତ୍ୱାରୋପ କରିଥିଲେ । ସେ ପ୍ୟାକେଜିଂ, ବାଣିଜ୍ୟିକ ନିୟମାବଳୀ, ଉପକରଣ ଉପଲବ୍ଧତା ସମୟ ପରିଚାଳନା, ଉତ୍ପାଦନ ଏହି ବୈଠକ ସମୟରେ, ନାଲକୋ ର ପ୍ରସ୍ତାବିତ ୦.୫ ଏମଟିପିଏ 'ବ୍ରାଉନ୍‌ଫିଲ୍ଡ' ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ବୈଷୟିକ ଲାଇସେନ୍ସ ସହଯୋଗୀ ଅଂଶୀଦାର 'ଡୁବାଲ୍-ଇଜିଏ', ଏହି ପ୍ରକଳ୍ପ ଏବଂ ଏଥିପାଇଁ ପ୍ରସ୍ତାବିତ ଜ୍ଞାନକୌଶଳ ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ । ଏଥି ସହ, 'ଏମ୍.ଏନ୍. ଦସ୍ତୁର ଆଣ୍ଡ କୋ.' ପକ୍ଷରୁ ପ୍ରକଳ୍ପର ଏକ ବିସ୍ତୃତ ବିବରଣୀ ସହ 'ବିସ୍ତୃତ ପ୍ରକଳ୍ପ ରିପୋର୍ଟ' ର ସଦ୍ୟତମ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଫିବ୍ର ସଲିଅସ, ରିଲ ଆଲେସା, ରିଧାମର , ପ୍ରପାରଜି,ହେଉଁଜିକ, ଏଲ ଆଣ୍ଡ ଟି, ଶପୁରଜି ପାଲୋନଜୀ ଗ୍ରୁପ, ଏଚସିସି , ଜିଇ ବେରୋନା, ଟେକମୋ, ହେନକୋନ ଏବଂ ଅନ୍ୟାନ୍ୟ ଅଗ୍ରଣୀ ବିଶ୍ୱସ୍ତରୀୟ ତଥା ଘରୋଇ ଶିଳ୍ପ ସହଯୋଗୀମାନଙ୍କ ଦ୍ୱାରା ବୈଷୟିକ ଉପସ୍ଥାପନା ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପସ୍ଥାପନ କରାଯାଇଥିଲା । ନାଲକୋ ର ମୁଖ୍ୟ ମହାପ୍ରବନ୍ଧକ (ପ୍ରକଳ୍ପ), କେ. ବିଜୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋଚନାଗୁଡ଼ିକ ସକାରାତ୍ମକ ଥିଲା ଏବଂ ମିଳିଥିବା ମତାମତ ନାଲକୋକୁ ଏହାର ପ୍ରକଳ୍ପ ପ୍ୟାକେଜିଂ ନୀତି, ବାଣିଜ୍ୟିକ ଢାଞ୍ଚା ଏବଂ ସାମଗ୍ରିକ କାର୍ଯ୍ୟକାରୀ ରଣନୀତିକୁ ଆହୁରି ଉନ୍ନତ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି ।

ଐତିହାସିକ କଟକ ବାଲିଯାତ୍ରା ପ୍ରସ୍ତୁତି

ବିଧାୟିକା ସୋଫିଆଙ୍କ ପଡ଼ିଆ ପରିଦର୍ଶନ ଓ ସ୍ଥିତି ସମୀକ୍ଷା

କଟକ, (ସ୍ୱପ୍ନ) :ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ତଥା ଐତିହାସିକ କଟକ ବାଲିଯାତ୍ରାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର ହୋଇଛି । ଏହି ପରିପ୍ରେକ୍ଷୀରେ ଶନିବାର ଅପରାହ୍ନରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ବାଲିଯାତ୍ରା ପଡ଼ିଆ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ ଓ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି । ଚଳିତ ବର୍ଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଐତିହାସିକ ମହୋତ୍ସବର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା, ମଞ୍ଚ ନିର୍ମାଣ ଏବଂ ଅନ୍ୟାନ୍ୟ ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛ । ପଡ଼ିଆ ପରିଦର୍ଶନ ସମୟରେ ବିଧାୟିକା ଶ୍ରୀମତୀ ଫିରଦୋସ ମେଳାର ସୁପରିଚାଳନା, ଦର୍ଶକଙ୍କ



ସୁଗମ ଯାତାୟାତ (ଟ୍ରାଫିକ୍ ନିୟନ୍ତ୍ରଣ), ପାନୀୟ ଜଳ, ପରିମଳ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବାଲିଯାତ୍ରାର ଗରିମା ଅକ୍ଷୁଣ୍ଣ ରଖିବା ସହ ଚଳିତ ବର୍ଷର ଆୟୋଜନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ବିଧାୟିକା ।

ଓପିଜିସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବୁ୍ୟ): ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ ତରଫରୁ ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ଦଲଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସରପଞ୍ଚ ସନ୍ତୋଷ ରୋହିଦାସ ଏହି ସ୍ୱାସ୍ଥ୍ୟ ଶିବିର ଉଦଘାଟନ କରିଥିଲେ । ଏହି ଶିବିରରେ ଇବ ଥର୍ମାଲ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଂଗୀତା ପଣ୍ଡା, ଡାକ୍ତର କିଶୋର କୁମାର ମିଶ୍ର ସହିତ ସୁନ୍ଦରଗଡ ଓ ସମ୍ବଲପୁର ରୁ ଆମନ୍ତ୍ରିତ ଶିଶୁରୋଗ ବିଶେଷଜ୍ଞ ଡ଼ା ଦୀପକ କୁମାର ଖମାରି, ଚିକିତ୍ସା ବିଶେଷଜ୍ଞ ଡ଼ା ବଳରାମ ଖମାରି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିର ସକାଳ ୧୦ ଟା ରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଦଲଗାଁ, ବାସୁପଲି, ଭୀମଗୁଡି,



ଖମାରଡ଼ିହି, କାଶବାହାଲ, ଅଧାଡ଼ିହି, ସେନାମାଲ, ସୋଲପାଲି, ଚେରକଟା ଇତ୍ୟାଦି ଗ୍ରାମର ୨୫୩ ରୋଗୀଙ୍କୁ ରକ୍ତଚାପ, ମଧୁମେୟ, ଶାରୀରିକ ଦୁର୍ବଳତା, ଆଖୁଗଣ୍ଡି ଯନ୍ତ୍ରଣା, ଗ୍ୟାସ୍ଟ୍ରିକ, ପେଟବ୍ୟଥା, ଏବଂ ବିଭିନ୍ନ ଅଣ୍ଟା ଯନ୍ତ୍ରଣା ରୋଗର ଦ୍ୱାରା ପରିଚାଳିତ ଏହି ଶିବିରରେ ଇବ ଥର୍ମାଲ ଚିକିତ୍ସାଳୟର ସୁଜାତା ନାୟକ,ସବିତା ନାୟକ, ପ୍ରଭାତ ବାରିକ, ତୃପ୍ତିମୟୀ ପଟେଲ, ସୁମିତ ଶତପଥି, ଅଭିମନ୍ୟୁ ଭୋଇ ଏବଂ ଦିଲ୍ଲୀପ ଦୀପ ଇତ୍ୟାଦି ସହଯୋଗ କରିଥିଲେ ।

୩୩୦ ଗ୍ରାମ ହେରୋଇନ ଜବତ, ୪ ଗିରଫ

ଭୁବନେଶ୍ୱର, (ସବୁ୍ୟ) : ଅବକାରୀ ସ୍କ୍ୱାର୍ଡ ଭିନ୍ନଭିନ୍ନ ତିନୋଟି ସ୍ଥାନରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୩୦ ଗ୍ରାମ ହେରୋଇନ ଜବତ କରିଛି । ଜବତ ହେରୋଇନର ମୂଲ୍ୟ ଆନୁମାନିକ ୩୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ମଞ୍ଜେଶ୍ୱର ଥାନା ଅନ୍ତର୍ଗତ ଭୋଟପଡା -ଧାରିକୁଟି ସାହି ରାସ୍ତା ପାଖରେ ଚଢାଉ କରି ଅବକାରୀ ସ୍କ୍ୱାର୍ଡ ଅରୁଣ କୁମାର ପଣ୍ଡା(୨୮) ଓ ସୁନୀଲ କୁମାର ମାଝୀ(୨୩)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୩୦ ଗ୍ରାମ ହେରୋଇନ୍ ଜବତ

ଆଇଆଇଟି ଖଡ଼ଗପୁରର ୭୫ ବର୍ଷ ପୂର୍ତ୍ତି

ସମ୍ଭାବନାର ନୂଆ ଦ୍ୱାର ଖୋଲ: ପ୍ରଧାନମନ୍ତ୍ରୀ



ଖଡ଼ଗପୁର: ପଶ୍ଚିମବଙ୍ଗର ଆଇଆଇଟି ଖଡ଼ଗପୁରର ୭୫ତମ ପ୍ରତିଷ୍ଠା ଦିବସ ବା ପ୍ଲାଟିନମ୍ ଜୁବଲି ଉତ୍ସବରେ ଯୋଗଦେଇ ଯୁବପିଢ଼ିଙ୍କୁ ନୂଆ ସ୍ୱପ୍ନ ଦେଖିବା ଏବଂ ନିଜ ସାମର୍ଥ୍ୟର ସୀମାକୁ ଅତିକ୍ରମ କରିବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଯୁବମନର ସମ୍ଭାବନାର କୌଣସି ସୀମା ନାହିଁ ବୋଲି କହିବା ସହ ଦେଶର ବିକାଶ ଓ ନବସୃଜନ କ୍ଷେତ୍ରରେ ଆଇଆଇଟି ଖଡ଼ଗପୁରର ୭୫ ବର୍ଷର ଅଭିଜ୍ଞତା ବଡ଼ ଭୂମିକା ନେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ମୋଦୀ କହିଥିଲେ, ଦେଶର ପ୍ରଥମ ଆଇଆଇଟି ଭାବେ ଖଡ଼ଗପୁର ଅନୁଷ୍ଠାନ ଭାରତର ପରିବର୍ତ୍ତନର ପ୍ରତ୍ୟେକ ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ବଳଦଗାଡ଼ିରୁ ବୁଲେଟ୍ ଟ୍ରେନ୍ ଏବଂ ଡାକଚିଠିରୁ ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ଦେଶର ଯାତ୍ରାରେ ଏହି ଅନୁଷ୍ଠାନର ପୂର୍ବତନ ଛାତ୍ରଛାତ୍ରୀଙ୍କ ଅବଦାନ ରହିଛି। ବଙ୍ଗଳାର ସ୍ୱାଧୀନତା ସଂଗ୍ରାମର ଐତିହ୍ୟ ସହ ଆଇଆଇଟି ଖଡ଼ଗପୁରର ସମ୍ପର୍କ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଏହି ଅନୁଷ୍ଠାନ ପୂର୍ବରୁ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଉଦ୍ଦିଷ୍ଟ ବନ୍ଦୀଶିବିର ଥିଲା। ଦିନେ ଏଠାରେ ସ୍ୱାଧୀନତାର ସ୍ୱପ୍ନ ଦେଖାଯାଉଥିବା ବେଳେ ଆଜି ଏଠାରେ ଆତ୍ମନିର୍ଭର ଭାରତ ଗଠନ ପାଇଁ ଯୁବପ୍ରତିଭା ପ୍ରସ୍ତୁତ ହେଉଛନ୍ତି ବୋଲି ସେ କହିଥିଲେ। ନିଜ ଚିନ୍ତାଧାରାର ସୀମାକୁ ଦେଶର ସମ୍ଭାବନାର ସୀମା ଭାବିବା ଉଚିତ୍ ନୁହେଁ ବୋଲି ମୋଦୀ ମତ ଦେଇଥିଲେ। ଭାରତ ଏବେ 'ସୀମା ଭାଙ୍ଗ, ସମ୍ଭାବନା ଖୋଲ' ମନ୍ତ୍ର ସହ ଆଗକୁ ବଢୁଛି ବୋଲି ସେ କହିଥିଲେ। ସେମିକଣ୍ଡକ୍ଟର କ୍ଷେତ୍ରର ଉଦାହରଣ ଦେଇ ସେ କହିଥିଲେ, ଅନେକ ଦେଶ ଦଶନ୍ଧି ଧରି ଏହି କ୍ଷେତ୍ରରେ କାମ କରୁଥିବାରୁ ଭାରତ ପାଇଁ ଏହା ବିଳମ୍ବ ହୋଇଗଲା ବୋଲି ମତ ଆସିଥିଲା। କିନ୍ତୁ ଦୃଢ଼ ସଂକଳ୍ପ ଯୋଗୁଁ ଚାରି ବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ସେମିକଣ୍ଡକ୍ଟର କାରଖାନା ଆରମ୍ଭ ହୋଇଛି ଏବଂ ଚିପ୍‌ରପ୍ତାନି ମଧ୍ୟ ଆରମ୍ଭ ହୋଇଛି।ମହାକାଶ କ୍ଷେତ୍ରରେ ଘରୋଇ ଉଦ୍ୟୋଗ ଓ ଯୁବପ୍ରତିଭାଙ୍କ ଅଂଶଗ୍ରହଣକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଆଇଆଇଟି ଖଡ଼ଗପୁରର ପୂର୍ବତନ ଛାତ୍ର ପବନଙ୍କ ଦ୍ୱାରା ପ୍ରତିଷ୍ଠିତ 'ସ୍କାଏରୁଟ୍ ଏରୋସ୍ପେସ୍' ଭାରତର ପ୍ରଥମ ଘରୋଇ ରକେଟ୍ ଉତ୍କ୍ଷେପଣରେ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ସେ କହିଥିଲେ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଆଜିର ଯୁବପିଢ଼ିଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି ମୋଦୀ କହିଥିଲେ। 'ରାଷ୍ଟ୍ର ପ୍ରଥମ' ମନୋଭାବ ନେଇ କାମ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି 'ଉଠ, ଜାଗ୍ରତ ହୁଅ ଏବଂ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ଅଟକ ନାହିଁକୁ ଉଦ୍ଧୃତ କରି ସେ ନିଜର ଅଭିଭାଷଣ ଶେଷ କରିଥିଲେ।

'ଅପରେସନ୍ ମନସୁନ୍ ଥଣ୍ଡର ସଫଳ

ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚାଲାଣ ନେଟୱର୍କ ଧ୍ୱସ୍ତ; ଏନସିବି ଓ ଆମେରିକାର ଡିଇଏକୁ ଅମିତ ଶାହଙ୍କ ଅଭିନନ୍ଦନ



ନୂଆଦିଲ୍ଲୀ: ସୀମାପାର ନିଶାଦ୍ରବ୍ୟ ଚାଲାଣ ରୋକିବା ଲକ୍ଷ୍ୟରେ ଭାରତ ଓ ଆମେରିକାର ମିଳିତ ଅଭିଯାନ 'ଅପରେସନ୍ ମନସୁନ୍ ଥଣ୍ଡର'କୁ ବଡ଼ ସଫଳତା ମିଳିଛି। ଏହି ଅଭିଯାନରେ ଭାରତର ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନସିବି) ଓ ଆମେରିକାର ଡ୍ରଗ୍ ଏନ୍ଫୋର୍ସମେଣ୍ଟ ଆଡମିନିଷ୍ଟ୍ରେସନ୍ (ଡିଇଏ) ମିଳିତ ଭାବେ ଏକ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚାଲାଣ ନେଟୱର୍କକୁ ଠାବ କରିଛନ୍ତି। ଏହି ଅଭିଯାନରେ ୬ ଜଣଙ୍କୁ ଗିରଫ କରାଯାଇଛି। ଅଭିଯାନର ସଫଳତା ପାଇଁ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଏନ୍ସିବି ଏବଂ ଆମେରିକାର ଡିଇଏକୁ ଅଭିନନ୍ଦନ ଜଣାଇଛନ୍ତି। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି ଯେ, ଏହି ଅଭିଯାନରେ ଭାରତ ଓ ଆମେରିକାରେ ହୋଇଥିବା ଗିରଫଦାରୀ ଏବଂ ଜବତ ନିଶାଦ୍ରବ୍ୟ ଦୁଇ ଦେଶର ମିଳିତ ସହଯୋଗର ଶକ୍ତିକୁ ପ୍ରମାଣିତ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତକୁ ଗୋଟିଏ ଗ୍ରାମ୍ ନିଶାଦ୍ରବ୍ୟ ମଧ୍ୟ ପ୍ରବେଶ କରିବାକୁ ଦିଆଯିବ ନାହିଁ କିମ୍ବା ଭାରତରୁ ଅନ୍ୟ ଦେଶକୁ ଚାଲାଣ ହେବାକୁ ଦିଆଯିବ ନାହିଁ ବୋଲି ସରକାରଙ୍କ ସଂକଳ୍ପ ରହିଥିବା ଶାହ ଉଲ୍ଲେଖ କରିଛନ୍ତି। ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ମଧ୍ୟ ଏହି ଅଭିଯାନକୁ ପ୍ରଶଂସା କରିଛନ୍ତି। ତାଙ୍କ ଅନୁସାରେ, ଏନସିବି ଓ ଆମେରିକାର ଡିଇଏର ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଫଳରେ ଆମେରିକାର ଗ୍ରାହକଙ୍କୁ ନିଷିଦ୍ଧ ନିଶାଦ୍ରବ୍ୟ ଯୋଗାଉଥିବା ଏକ ଅନ୍ତର୍ଜାତୀୟ ଚାଲାଣ ନେଟୱର୍କକୁ ବାଧା ଦିଆଯାଇଛି ଏବଂ ୬ ଜଣଙ୍କୁ ଧରାଯାଇଛି। ଏଥିପାଇଁ ସେ ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱକୁ ଧନ୍ୟବାଦ ଜଣାଇଛନ୍ତି। 'ଅପରେସନ୍ ମନସୁନ୍ ଥଣ୍ଡର' ଭାରତ-ଆମେରିକା ମଧ୍ୟରେ ନିଶାଦ୍ରବ୍ୟ ବିରୋଧୀ ସହଯୋଗକୁ ଆହୁରି ମଜଭୁତ କରିବା ସହ ଅନ୍ତର୍ଜାତୀୟ ନିଶା ଚାଲାଣ ରୋକିବାରେ ମିଳିତ ପ୍ରୟାସର ଗୁରୁତ୍ୱକୁ ସ୍ପଷ୍ଟ କରିଛି।

ତିରୁପତି ମନ୍ଦିରକୁ ୧୨୧ କେଜି ସୁନା ଅଳଙ୍କାର ଦାନ କରିବେ ଭକ୍ତ

ଅମରାବତୀ: ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁମାଳା ମନ୍ଦିରରେ ଭଗବାନ ଭେଙ୍କଟେଶ୍ୱରଙ୍କୁ ଜଣେ ଭକ୍ତ ପ୍ରାୟ ୧୨୧ କିଲୋଗ୍ରାମ ଓଜନର ସୁନା ଅଳଙ୍କାର ଦାନ କରିବାକୁ ଯାଉଛନ୍ତି। ଏହି ଅଳଙ୍କାରଗୁଡ଼ିକର ମୂଲ୍ୟ ପ୍ରାୟ ୧୬୦ କୋଟି ଟଙ୍କା ଆକଳନ କରାଯାଇଛି। ଆସନ୍ତା ନଭେମ୍ବର ୨୬ ତାରିଖରେ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଉପସ୍ଥିତିରେ ତିରୁମାଳା ତିରୁପତି ଦେବସ୍ଥାନମ୍ (ଟିଟିଡି) ଏହି ଦାନ ଗ୍ରହଣ କରିବ । ତିରୁପତି ବାଲାଜୀ ମନ୍ଦିର ଇତିହାସରେ ଏହା ଜଣେ ବ୍ୟକ୍ତିଙ୍କ ପକ୍ଷରୁ ଦିଆଯାଉଥିବା ସବୁଠାରୁ ବଡ଼ ସୁନା ଦାନ ବୋଲି କୁହାଯାଉଛି ।ସରକାରୀ ଓ ଟିଟିଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜଣେ ଭକ୍ତ ଭଗବାନ ଭେଙ୍କଟେଶ୍ୱରଙ୍କ ମୂଳ ବିଗ୍ରହ ପାଇଁ ପ୍ରାୟ ୧୨୧ କିଲୋଗ୍ରାମ ଓଜନର ସୁନା ଅଳଙ୍କାର ଦାନ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଏହି ଅଳଙ୍କାରଗୁଡ଼ିକର ଆନୁମାନିକ ମୂଲ୍ୟ ୧୬୦ କୋଟି ଟଙ୍କା । ଦାତାଙ୍କ ନାମ ଏଯାଏଁ ଗୋପନ ରଖାଯାଇଛି ଏହି ଦାନରେ ମୋଟ ୪୫ଟି ଭିନ୍ନ ଭିନ୍ନ ସୁନା ଅଳଙ୍କାର ରହିଛି । ଏଗୁଡ଼ିକୁ ୯ଟି ସେଟ୍ରେ ପ୍ରସ୍ତୁତ କରାଯାଇଛି । ଚେନ୍ନାଇର ଏକ ପ୍ରତିଷ୍ଠିତ ଗହଣା ନିର୍ମାଣକାରୀ ସଂସ୍ଥା ଏହି ଅଳଙ୍କାରଗୁଡ଼ିକ ତିଆରି କରିଥିବା ସୂଚନା ମିଳିଛି । ନିକଟରେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ମଧ୍ୟ ଏହି ଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଆମେରିକାରେ ରହୁଥିବା ଜଣେ ଭକ୍ତ ଭଗବାନ ବାଲାଜୀଙ୍କ ମୂଳ ବିଗ୍ରହ ପାଇଁ ସମସ୍ତ ଅଳଙ୍କାର ଦାନ କରିବାକୁ ଇଚ୍ଛା ଜଣାଇଥିବା ସେ କହିଥିଲେ। ଟିଟିଡି ସୂତ୍ର ଅନୁସାରେ, ଭକ୍ତ ଏହି ଦାନ ସମ୍ପର୍କରେ ମନ୍ଦିର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିସାରିଛନ୍ତି। ନଭେମ୍ବର ୨୬ ତାରିଖରେ ଆନୁଷ୍ଠାନିକ ଭାବେ ଅଳଙ୍କାରଗୁଡ଼ିକ ହସ୍ତାନ୍ତର କରାଯିବାର ସମ୍ଭାବନା ରହିଛି। ସେହିଦିନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ମଧ୍ୟ ତିରୁମାଳା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ଉପସ୍ଥିତିରେ ଏହି ଅଳଙ୍କାର ଭଗବାନଙ୍କୁ ଅର୍ପଣ କରାଯିବ । ଅନ୍ୟପକ୍ଷରେ, ଟିଟିଡିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ଭେଙ୍କୟା ଚୌଧୁରୀ ଗୁରୁବାର କହିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ତିରୁମାଳାର 'ଏସ୍ରୀ ଅନ୍ନପ୍ରସାଦମ୍ ଟ୍ରଷ୍ଟ'କୁ ୧,୧୦୦ କୋଟି ଟଙ୍କାରୁ ଅଧିକ ଦାନ ମିଳିଛି। ଏହି ରାଶି ଟିଟିଡିକୁ ମିଳିଥିବା ମୋଟ ଦାନର ୫୩ ପ୍ରତିଶତରୁ ଅଧିକ। ଏହାଦ୍ୱାରା ଟ୍ରଷ୍ଟର ମୋଟ ପାଣ୍ଠି ପ୍ରାୟ ୩,୧୦୦ କୋଟି ଟଙ୍କାରେ ପହଞ୍ଚିଛି।

୯.୭୬ କିମି କାମ ସରିବାକୁ ଲାଗିଲା ୧୪ ବର୍ଷ

ନୀତିଶ ସେତୁ ଉଦଘାଟନ କଲେ ମୋଦି



ନୂଆଦିଲ୍ଲୀ: ଦୀର୍ଘ ୧୪ ବର୍ଷ ପରେ ସରିଛି ୯.୭୬ କିମି ଲମ୍ବା ସେତୁର କାମ। ବିହାର ଦେଇ ଯାଇଥିବା ଗଙ୍ଗା ନଦୀ ଉପରେ ଉପରେ ଏହି ୬ ଲେନ ବିଶିଷ୍ଟ ବ୍ରିଜ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଛନ୍ତି। ବୈଶାଳୀ ଜିଲ୍ଲାରେ ଥିବା ବିଦୁପୁର ବ୍ଲକକୁ ଏହି ବ୍ରିଜ ପାଟନା ଉପକଣ୍ଠ କାଚଚି ଦର୍ଗା ସହ ଯୋଡ଼ିବ। ବ୍ରିଜର କାମ ସରିବାକୁ ୧୪ ବର୍ଷର ସମୟ ଲାଗିଥିବା ବେଳେ ଏହାକୁ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନାଁ ଅନୁସାରେ ନାମିତ କରାଯାଇଛି। ତାଙ୍କ କାର୍ଯ୍ୟକାଳ ସମୟରେ ଏହି ବ୍ରିଜର ଭତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏବେ କାମ ଶେଷ ହେବାରୁ ଏହାକୁ ନୀତୀଶଙ୍କ ନାଁ ଅନୁସାରେ ନାମିତ କରାଯାଇଛି। ବ୍ରିଜ ଉଦଘାଟନ ପାଇଁ ଆଜି ପ୍ରଧାନମନ୍ତ୍ରୀ ମୋଦି ପାଟନାରେ ପହଞ୍ଚିବା ପରେ ତାଙ୍କୁ ନୀତୀଶ କୁମାର ବ୍ୟକ୍ତିଗତ ଭାବେ ସ୍ୱାଗତ କରିଥିଲେ। ଏୟାରପୋର୍ଟରେ ପରସ୍ପରକୁ ଆଲିଙ୍ଗନ କରି ଉଭୟ କିଛି ସମୟ କଥା ହୋଇଥିଲେ। ଏହି ଫଟୋକୁ ମୋଦି ଏକ୍ସରେ ଶେୟାର କରିଛନ୍ତି। ମେ' ମାସରେ ମୋଦି ଶେଷ ଥର ବିହାର ଗସ୍ତରେ ଆସିଥିଲେ। ଏହି ସମୟରେ ବିଜେପି ନେତା ସମ୍ରାଟ ଚୌଧୁରୀ ଓ ତାଙ୍କ କ୍ୟାବିନେଟ ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ। ବିଜେପି ମଧ୍ୟ ପ୍ରଥମଥର ବିହାରରେ ନିଜର କୌଣସି ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିଥିଲା। ମୋଦି ବ୍ରିଜ ଉଦଘାଟନ କରିବା ସହ ମୋଟ ୩୪,୪୭୦ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାଶ ମଧ୍ୟ କରିଛନ୍ତି। ଏହା ମଧ୍ୟରେ ସଡ଼କ, ଶକ୍ତି, ସହରୀ ଭିତ୍ତିଭୂମି, ଜଳ ସମ୍ପଦ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବହନ ଭଳି ପ୍ରକଳ୍ପ ରହିଛି। ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ଲୋକଙ୍କୁ ଉପଯୁକ୍ତ ସେବା ଉପଲବ୍ଧ କରାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଗୋଟିଏ ସାଧାରଣ ସଭାକୁ ସମ୍ବୋଧନ କରି ୧୦୦ ପିଏମ ଇବସ୍ର ଶୁଭାରମ୍ଭ ମଧ୍ୟ କରିଛନ୍ତି।

'କ୍ରିଏଟିଭ୍ ମାଇଣ୍ଡସ୍ ଅଫ୍ ଟୁମରୋ'ର ଷଷ୍ଠ ସଂସ୍କରଣ ଉଦ୍‌ଘାଟିତ

ଗୋଆ: ୫୭ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ) ଅବସରରେ 'କ୍ରିଏଟିଭ୍ ମାଇଣ୍ଡସ୍ ଅଫ୍ ଟୁମରୋ' (ସିଏମ୍ଓଟି)ର ଷଷ୍ଠ ସଂସ୍କରଣ ଗୋଆର କଳା ଏକାଡେମୀଠାରେ ଉଦ୍ଘାଟିତ ହୋଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏହି ପଦକ୍ଷେପକୁ ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ (ଏନ୍ଏଫ୍ଡିସି) କାର୍ଯ୍ୟକାରୀ କରୁଛି। ଏହା ମାଧ୍ୟମରେ ଦେଶର ୧୦୦ ଜଣ ଯୁବ ସୃଜନଶୀଳ ପ୍ରତିଭାଙ୍କୁ ଏକାଠି କରି ସେମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନ ଓ ଚଳଚ୍ଚିତ୍ର ଶିଳ୍ପ ସହ ଯୋଡ଼ିହେବାର ସୁଯୋଗ ଦିଆଯାଉଛି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଚଞ୍ଚଳ କୁମାରଙ୍କ ସମେତ ଅତିରିକ୍ତ ସଚିବ ପ୍ରଭାତ, ଏଫ୍ଟିଆଇଆଇର ରେଜିଷ୍ଟ୍ରାର ଲୌକିକ ପରାଖ, ଯୁଗ୍ମ ସଚିବ କେ.କେ. ନିରାଳା, ଏନ୍ଏଫ୍ଡିସି ଅଧ୍ୟକ୍ଷ ଜି. କୃଷ୍ଣକୁମାର ଓ ମହାପ୍ରବନ୍ଧକ ଗୌତମ ଭାନୋଟ୍ ଉପସ୍ଥିତ ଥିଲେ। ଏହି ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'ରୁଟ୍ସ ଆଣ୍ଡ ୱିଙ୍ଗ୍ସ: ଆମ ମୂଳକୁ ସମ୍ମାନ, ଭବିଷ୍ୟତକୁ ଆଲିଙ୍ଗନ'। ଯୁବ ଚଳଚ୍ଚିତ୍ର ନିର୍ମାତାମାନେ ନିଜ ସଂସ୍କୃତି, ଭାଷା ଓ ଅନୁଭୂତିରୁ ପ୍ରେରଣା ନେଇ କାହାଣୀ ଗଢ଼ିବାକୁ ଚଞ୍ଚଳ କୁମାର ଆହ୍ୱାନ ଦେଇଥିଲେ। ଏକ ଛୋଟ ଗାଁର କାହାଣୀକୁ ମଧ୍ୟ ସତ୍ୟନିଷ୍ଠ ଭାବେ ଉପସ୍ଥାପନ କରାଗଲେ ତାହା ବିଶ୍ୱର ଦର୍ଶକଙ୍କୁ ଆକର୍ଷିତ କରିପାରିବ ବୋଲି ସେ କହିଥିଲେ। ଏହି ଅବସରରେ ୪୮ ଘଣ୍ଟିଆ ଚଳଚ୍ଚିତ୍ର ନିର୍ମାଣ ଆହ୍ୱାନର ଶୁଭାରମ୍ଭ ହୋଇଥିଲା। ଚଳିତ ବର୍ଷ ୧୩ଟି ଚଳଚ୍ଚିତ୍ର ନିର୍ମାଣ ସମ୍ବନ୍ଧୀୟ କ୍ଷେତ୍ରରୁ ୧୦୦ ଜଣ ପ୍ରତିଭା ଏଥିରେ ଭାଗ ନେଉଛନ୍ତି। ନିର୍ଦ୍ଦେଶନା, ଅଭିନୟ, ସିନେମାଟୋଗ୍ରାଫି, ସମ୍ପାଦନା, କାହାଣୀ ଲେଖନ, ସଙ୍ଗୀତ, ଶବ୍ଦ ରେକର୍ଡିଂ, ପୋଷାକ, ଆନିମେସନ୍ ଓ ଭିଜୁଆଲ୍ ଇଫେକ୍ଟ୍ସ ଆଦି କ୍ଷେତ୍ରର ପ୍ରତିଭାମାନେ ଏଥିରେ ସାମିଲ ହୋଇଛନ୍ତି। ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏଫ୍ଟିଆଇଆଇ) ଓ ଏନ୍ଏଫ୍ଡିସିର ମିଳିତ ଆୟୋଜନରେ ୫ଟି ଦଳ ଗଠନ କରାଯାଇଛି। ଏହି ଦଳଗୁଡ଼ିକ ୪୮ ଘଣ୍ଟା ମଧ୍ୟରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ କରିବେ।

ଭାରତର ଉତଥାନକୁ ରୋକିବାକୁ ଚୀନର ଚାଲ୍!

ନୂଆଦିଲ୍ଲୀ : ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଦେଇ ଭାରତ ଗତବର୍ଷ ପାକିସ୍ତାନ ବିରୋଧରେ 'ଅପରେସନ୍ ସିନ୍ଦୂର' ଆରମ୍ଭ କରିବା ସମୟରେ ଚୀନ୍ ପାକିସ୍ତାନକୁ ସାମରିକ ସମର୍ଥନ କରିଥିଲା । ତେବେ ଏହା ପଛରେ ଚୀନ୍ର ଏକ ବଡ଼ ରଣନୀତି ରହିଥିଲା । ଭାରତର ଉତ୍ଥାନକୁ ରୋକିବା ସଂକ୍ରାନ୍ତ ଚୀନ୍ର ଏକ ବିଶାଳ ରଣନୀତିର ଏହା ଏକ ଅଂଶ ଥିଲା ବୋଲି ଆମେରିକା ସଂସଦୀୟ କମିଟିର ଏକ ରିପୋର୍ଟରୁ ଜଣାପଡ଼ିଛି । ଆମେରିକା-ଚୀନ୍ ଆର୍ଥିକ ଏବଂ ସୁରକ୍ଷା ସମୀକ୍ଷା କମିସନ୍ଏହାର ବାର୍ଷିକ ରିପୋର୍ଟରେ ଏହି ଦାବି କରିଛି । ରିପୋର୍ଟରେ ମଧ୍ୟ ଏହା କୁହାଯାଇଛି ଯେ ଚୀନ୍ ସର୍ବଦା ସୀମା ନିକଟରେ ଭାରତ ଉପରେ ସାମରିକ ଚାପ ପକାଇଛି ଏବଂ ଶିଳ୍ପ କ୍ଷେତ୍ରରେ ଏହା ଆବଶ୍ୟକ ସାମଗ୍ରୀ ଯୋଗାଣ ଉପରେ କଟକଣା ଲଗାଇବା ଭଳି ପଦକ୍ଷେପ ଗ୍ରହଣ କରିଛି । କମିଟି ଏହାର ରିପୋର୍ଟରେ କହିଛି ଯେ ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନକୁ ଚୀନ୍ କରିଥିବା ସାମରିକ ସହଯୋଗ ଭାରତର ବଢୁଥିବା ପ୍ରଭାବକୁ ସୀମିତ କରିବାପାଇଁ ଏହାର ଏକ ବ୍ୟାପକ ରଣନୀତିର ଅଂଶ ଥିଲା ।

ଇରାକ୍ ବିଦ୍ୟୁତ୍ କେନ୍ଦ୍ରରେ ବିସ୍ଫୋରଣ: ୪ ମୃତ, ୩୫ ଆହତ

ବାଗଦାଦ୍ : ଶନିବାର ଦକ୍ଷିଣ ଇରାକର ବସରାର ଉତ୍ତରରେ ଥିବା ଏକ ବିଦ୍ୟୁତ୍ କେନ୍ଦ୍ରରେ ଗ୍ୟାସ୍ ପାଇପ୍ ଲାଇନରେ ବିସ୍ଫୋରଣପରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି ଓ ୩୫ ଜଣ ଆହତ ହୋଇଛନ୍ତି । ନିଆଁ ନିକଟବର୍ତ୍ତୀ ଘରଗୁଡ଼ିକୁ ବ୍ୟାପି ଯାଇଥିଲା । ଅଗ୍ନିକାଣ୍ଡ ହର୍ଥା ବିଦ୍ୟୁତ କେନ୍ଦ୍ରରେ ସକାଳ ୬ଟାରେ ଘଟିଥିଲା । ବିଦ୍ୟୁତ କେନ୍ଦ୍ରକୁ ସଂଯୋଗ ହୋଇଥିବା ଗ୍ୟାସ ପାଇପଲାଇନ୍ ଯୋଗୁ ଏହି ଦୁର୍ଘଟଣା ଘଟିଥିଲା । ନାଗରିକ ପ୍ରତିରକ୍ଷା ଦଳ ନିଆଁକୁ ନିୟନ୍ତ୍ରଣ କରିବା ପୂର୍ବରୁ ଘନ ଧୂଆଁ ଓ ନିଆଁ ସେହି ସ୍ଥାନରେ ବ୍ୟାପି ଯାଇଥିଲା । ମୃତାହତ ବିଦ୍ୟୁତ କେନ୍ଦ୍ର ନିକଟରେ ଥିବା ଘରର ବାସିନ୍ଦା ବୋଲି ଜଣାପଡ଼ିଛି । କେତେକ ଲୋକ ପୋଡ଼ି ଯାଇଥିବାବେଳେ ଆଉ କିଛି ଲୋକ ବିଷାକ୍ତ ଧୂଆଁ ସେବନ କରିବା ଯୋଗୁ ଅସୁସ୍ଥ ହୋଇପଡ଼ିଥିଲେ । ନିଆଁ ଆଖପାଖର ଘରଗୁଡ଼ିକୁ ବ୍ୟାପି ଯିବାରୁ ବିଦ୍ୟୁତ କେନ୍ଦ୍ରରେ କାର୍ଯ୍ୟ ବନ୍ଦ କରିବାକୁ ବାଧ କରାଯାଇଥିଲା । ଘଟଣାସ୍ଥଳରୁ ମିଳିଥିବା ଚିତ୍ରଗୁଡ଼ିକ ଏକ ଗ୍ୟାସ୍ ପାଇପଲାଇନର କିଛି ଅଂଶ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିବାର ଦେଖାଯାଉଛି । ପ୍ରଧାନମନ୍ତ୍ରୀ ଅଲି ଅଲ-ଜାଇଦି ବିସ୍ଫୋରଣର ତୁରନ୍ତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯାହା ଦ୍ୱାରା ଘଟଣାଟି କାହିଁକି ଘଟିଲା ଓ ଦାୟିତ୍ୱ ନିର୍ଦ୍ଧାରଣ କରାଯିବ । ଅଧିକାରୀମାନେ ତୁରନ୍ତ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ ପ୍ରକ

ଭାରତ ନିୟନ୍ତ୍ରଣରେ ୱେଲିଂଟନ ଟେଷ୍ଟ

ରାହୁଲଙ୍କ ଶତକ, ଶତକରୁ ୨ ରନ୍ ଦୂରରେ ରହିଲେ ଗିଲ୍ : ୧୧୮ ରନରେ ଆଗୁଆ। ଟିମ୍ ଇଣ୍ଡିଆ।

ୱେଲିଂଟନ,୨୧।୧୧(ଏଜେନ୍ସି): ବାସିନ୍ ରିଜର୍ଭ ଗ୍ରାଉଣ୍ଡରେ ଭାରତୀୟ ବ୍ୟାଟରଙ୍କ ଦବଦବା। ଘରୋଇ ନ୍ୟୁଜିଲାଣ୍ଡ ବୋଲରଙ୍କୁ ନିରାଶ କରି ପ୍ରଥମ ଟେଷ୍ଟରେ ମଜଭୁତ ସ୍ଥିତିରେ ପହଞ୍ଚିଛି ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ। ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତ ୪ ୱିକେଟ୍ ହରାଇ ୪୮୬ ରନ୍ ସଂଗ୍ରହ କରିଛି। ଫଳରେ ପ୍ରଥମ ଇନିଂସ ଆଧାରରେ ଭାରତ ୧୧୮ ରନ୍ର ଅଗ୍ରଣୀ ହାସଲ କରିଛି। କେଏଲ୍ ରାହୁଲଙ୍କ ଚମତ୍କାର ଶତକ ଏବଂ ଦେବଦତ୍ତ ପାଡିକଲ, ଶୁଭମନ ଗିଲ୍ ଓ ରଷଭ ପନ୍ତଙ୍କ ଅର୍ଦ୍ଧଶତକୀୟ ଇନିଂସ ଭାରତର ସ୍ଥିତିକୁ ମଜଭୁତ କରିଛି।

ତୃତୀୟ ଦିନର ଖେଳ ଆରମ୍ଭ ବେଳକୁ ଭାରତ ପ୍ରଥମ ଇନିଂସରେ ଗୋଟିଏ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା। କେଏଲ୍ ରାହୁଲ ୫୨ ଏବଂ ଦେବଦତ୍ତ ପାଡିକଲ ୧୬ ରନ୍ କରି ଅପରାଜିତ ଥିଲେ। ଉଭୟ ବ୍ୟାଟର ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂର ସୁନ୍ଦର ସମନ୍ୱୟ ରଖି ନ୍ୟୁଜିଲାଣ୍ଡ ବୋଲରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଏହି କ୍ରମରେ ପାଡିକଲ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଦ୍ୱିତୀୟ ୱିକେଟ୍ ପାଇଁ ଉଭୟ ୧୬୫ ରନ୍ର ମୂଲ୍ୟବାନ ଭାଗୀଦାରି ଗଢ଼ି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ।



ଦଳୀୟ ସ୍କୋର ୨୯୫ ରନ୍ ହୋଇଥିବା ବେଳେ ପାଡିକଲ ୮୦ ରନ୍ କରି ଆଉଟ୍ ହୋଇଥିଲେ। ଏହା ପରେ ରାହୁଲଙ୍କ ସହ ଯୋଗ ଦେଇଥିଲେ ଅଧିନାୟକ ଶୁଭମନ ଗିଲ୍। ଉଭୟ ତୃତୀୟ ୱିକେଟ୍ ପାଇଁ ୯୧ ରନ୍ ଯୋଡ଼ିଥିଲେ। ଏହି ସମୟରେ ରାହୁଲ ନିଜ ଟେଷ୍ଟ କ୍ୟାରିୟରର ୧୩ତମ ଶତକ ହାସଲ କରିଥିଲେ। ୯ ଚୌକା ଓ ୨ ଛକା ବଳରେ ୧୩୬ ରନ୍ର ଆକର୍ଷଣୀୟ ଇନିଂସ ଖେଳି ସେ ପାଭିଲିୟନ ଫେରିଥିଲେ।

ଅନ୍ୟପଟେ ଅଧିନାୟକ ଗିଲ୍ ଓ ରଷଭ ପନ୍ତ ଦ୍ରୁତ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ବୋଲରଙ୍କୁ ଚାପରେ ରଖିଥିଲେ। ଉଭୟ ଚତୁର୍ଥ ୱିକେଟ୍ ପାଇଁ ୧୦୦ ରନ୍ ଯୋଡ଼ିବା ସହ ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ଦିନର ଶେଷ ଓଭରରେ ଗିଲ୍ ୯୮ ରନ୍ କରି ଆଉଟ୍ ହୋଇଥିଲେ। ମାତ୍ର ୨ ରନ୍ ପାଇଁ ଶତକରୁ ବଞ୍ଚିତ ହେବା ଭାରତୀୟ ଶିବିରକୁ ନିରାଶ କରିଛି।

ଦିନର ଖେଳ ଶେଷ ସୁଦ୍ଧା ରଷଭ ପନ୍ତ ୬୨ ବଲ୍ରୁ ୫ ଚୌକା ଓ ୨ ଛକା ସହ ୫୫ ରନ୍ କରି ଅପରାଜିତ ଅଛନ୍ତି। ତାଙ୍କ ସହ ନାଇଟ୍ ୱାଚମ୍ୟାନ୍ ଅଂଶୁଲ କମ୍ବୋଜ କ୍ରିଜରେ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ନିଜର ପ୍ରଥମ ଇନିଂସରେ ୩୬୮ ରନ୍ କରିଥିଲା। ହେନରି ନିକୋଲାସ ୧୭୫ ରନ୍ରେ ଅପରାଜିତ ରହିଥିବା ବେଳେ ଗ୍ଲେନ୍ ଫିଲିପ୍ସ ୧୧୮ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୯୨ ରନ୍ ବିନିମୟରେ ୪ଟି ୱିକେଟ୍ ନେଇଥିବା ବେଳେ ଆକାଶ ଦୀପ ୩ଟି ଏବଂ ଅଂଶୁଲ କମ୍ବୋଜ ୨ଟି ୱିକେଟ୍ ଅକ୍ତିଆର କରିଥିଲେ।

ବର୍ତ୍ତମାନ ଭାରତ ପାଖରେ ୧୧୮ ରନ୍ର ଅଗ୍ରଣୀ ସହ ୬ଟି ୱିକେଟ୍ ବାକି ରହିଛି। ତେଣୁ ଚତୁର୍ଥ ଦିନରେ ଭାରତୀୟ ବ୍ୟାଟରଙ୍କ ପ୍ରଦର୍ଶନ ଏବଂ ଦଳର ରଣନୀତି ଉପରେ ମ୍ୟାଚ୍ର ଭାଗ୍ୟ ନିର୍ଭର କରିବ।

ଗିଲଙ୍କ ନୂଆ କୀର୍ତ୍ତିମାନ, ପନ୍ତ ବି ରଚିଲେ ଇତିହାସ

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିନରେ ଦୁଇଟି ବଡ଼ କୀର୍ତ୍ତିମାନ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଶୁଭମନ ଗିଲ୍ ଓ ରଷଭ ପନ୍ତ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଇତିହାସରେ ୩ ହଜାର ରନ୍ ପୂରଣ କରିବାରେ ଗିଲ୍ ପ୍ରଥମ ଭାରତୀୟ ବ୍ୟାଟର ହୋଇଥିବା ବେଳେ ପନ୍ତ ଏହି ତାଲିକାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ୱେଲିଂଟନର ବାସିନ୍ ରିଜର୍ଭ ଗ୍ରାଉଣ୍ଡରେ ଭାରତୀୟ ଦଳର ଦମଦାର ବ୍ୟାଟିଂ ମଧ୍ୟରେ ଏହି ଦୁଇ ଖେଳାଳିଙ୍କ ବ୍ୟକ୍ତିଗତ ସଫଳତା ଚର୍ଚ୍ଚାର ବିଷୟ ହୋଇଛି। ତୃତୀୟ ଦିନରେ ୯୮ ରନ୍ର ଇନିଂସ ଖେଳିଥିବା ଅଧିନାୟକ ଗିଲ୍ ଶତକରୁ ମାତ୍ର ୨ ରନ୍ ଦୂରରେ ରହିଥିଲେ ମଧ୍ୟ ରେକର୍ଡ ବୁକରେ ନିଜ ନାଁ ସାମିଲ କରିଛନ୍ତି। ୨୦୧୯ରୁ ଆରମ୍ଭ ହୋଇଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ଗିଲଙ୍କ ନାଁରେ ଏହି ମ୍ୟାଚ୍ ପୂର୍ବରୁ ୭୬ଟି ଇନିଂସରୁ ୨୯୧୭ ରନ୍ ଥିଲା। ୩ ହଜାର ରନ୍ର ମାଇଲଖୁଣ୍ଟ ଛୁଇଁବା ପାଇଁ ତାଙ୍କୁ ଆଉ ୮୩ ରନ୍ ଆବଶ୍ୟକ ଥିଲା। ଭାରତୀୟ ଇନିଂସର ୧୧୫ତମ ଓଭରରେ ଗ୍ଲେନ୍ ଫିଲିପ୍ସଙ୍କ ବଲ୍ରେ ଛକା ମାରି ସେ ଏହି ସଫଳତା ହାସଲ କରିଥିଲେ। ଏହା ସହ ଡବ୍ଲ୍ୟୁଟିସିରେ ୩ ହଜାର ରନ୍ ପୂରଣ କରିବାରେ ସେ ପ୍ରଥମ ଭାରତୀୟ ହୋଇଥିଲେ। ତେବେ ଦିନର ଶେଷ ଓଭରର ଚତୁର୍ଥ ବଲରେ ଜ୍ୟାକବ୍ ଡଫିଙ୍କ ବଲରେ ବୋଲ୍ଡ ହୋଇ ସେ ୯୮ ରନରେ ପାଭିଲିୟନ ଫେରିଥିଲେ। ଅନ୍ୟପଟେ ୱିକେଟକିପର ବ୍ୟାଟର ରଷଭ ପନ୍ତ ମଧ୍ୟ ଏହି ମାଇଲଖୁଣ୍ଟରେ ପହଞ୍ଚିଛନ୍ତି। ଗିଲଙ୍କ ପୂର୍ବରୁ ପନ୍ତଙ୍କ ନାଁରେ ଡବ୍ଲ୍ୟୁଟିସିରେ ୨୯୪୮ ରନ୍ ଥିଲା। ୩ ହଜାର ରନ୍ ପୂରଣ ପାଇଁ ତାଙ୍କୁ ଆଉ ୫୨ ରନ୍ ଆବଶ୍ୟକ ଥିଲା। ତୃତୀୟ ଦିନରେ ଆକ୍ରମଣାତ୍ମକ ବ୍ୟାଟିଂ କରି ସେ ଭାରତୀୟ ଇନିଂସର ୧୨୩ତମ ଓଭରରେ ଚୌକା ମାରି ଏହି ସଫଳତା ହାସଲ କରିଥିଲେ।

ଗମ୍ଭୀର, ଗାଙ୍ଗୁଲି ଓ ଲକ୍ଷ୍ମଣଙ୍କ କ୍ଲବରେ ଗିଲ

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଶତକରୁ ମାତ୍ର ୨ ରନ୍ ଦୂରରେ ରହିଗଲେ ଭାରତୀୟ ଅଧିନାୟକ ଶୁଭମନ ଗିଲ୍। ୯୮ ରନରେ ଆଉଟ୍ ହୋଇଥିବା ଗିଲ୍ ଏହି ଇନିଂସ ଜରିଆରେ ଏକ ଅଲୋଡ଼ା ରେକର୍ଡରେ ମଧ୍ୟ ସାମିଲ ହୋଇଛନ୍ତି। ଭାରତୀୟ ଟେଷ୍ଟ କ୍ରିକେଟରେ ୯୦ରୁ ୯୯ ରନ୍ ମଧ୍ୟରେ ଚତୁର୍ଥ ଥର ପାଇଁ ଆଉଟ୍ ହୋଇଛନ୍ତି ସେ। ଏଥିସହିତ ପୂର୍ବତନ ଭାରତୀୟ ଅଧିନାୟକ ଗୌତମ ଗମ୍ଭୀର, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କ ଭଳି ଖେଳାଳିଙ୍କ ତାଲିକାରେ ନିଜ ନାଁ ଯୋଡ଼ିଛନ୍ତି। ୱେଲିଂଟନର ବାସିନ୍ ରିଜର୍ଭ ଗ୍ରାଉଣ୍ଡରେ ଭାରତର ପ୍ରଥମ ଇନିଂସ ବ୍ୟାଟିଂ ସମୟରେ ଗିଲ୍ ଚମତ୍କାର ପ୍ରଦର୍ଶନ କରିଥିଲେ। କେଏଲ୍ ରାହୁଲଙ୍କ ୧୩୬ ରନ୍ ଓ ଦେବଦତ୍ତ ପାଡିକଲଙ୍କ ୮୦ ରନ୍ର ଇନିଂସ ପରେ ଗିଲ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ଦଳର ସ୍ଥିତିକୁ ମଜଭୁତ କରିଥିଲେ। ୧୪୬ ବଲ୍ରୁ ୯ ଚୌକା ଓ ୨ ଛକା ସହ ୯୮ ରନ୍ କରିଥିବା ବେଳେ ଦିନର ଶେଷ ଓଭରରେ ଜ୍ୟାକବ୍ ଡଫିଙ୍କ ବଲରେ ବୋଲ୍ଡ ହୋଇଥିଲେ। ଏହି ଆଉଟ୍ ସହ ଟେଷ୍ଟ କ୍ରିକେଟରେ ଚତୁର୍ଥ ଥର ପାଇଁ ନର୍ଭସ୍ ନାଇଣ୍ଟିଜ୍ର ଶିକାର ହୋଇଛନ୍ତି ଗିଲ୍। ଏହି ରେକର୍ଡରେ ତାଙ୍କ ସହ ଅଛନ୍ତି ଗୌତମ ଗମ୍ଭୀର, ସୌରଭ ଗାଙ୍ଗୁଲି, ଭିଭିଏସ୍ ଲକ୍ଷ୍ମଣ, ନବଜୋତ ସିଂହ ସିଦ୍ଧୁ, ଦିଲୀପ ଭେଙ୍ଗସରକର ଓ ଅଜିତ ୱାଡେକର।

ଟେଷ୍ଟ କ୍ରିକେଟରେ ୯୦ରୁ ୯୯ ରନ୍ ମଧ୍ୟରେ ସର୍ବାଧିକ ଥର ଆଉଟ୍ ହେବାର ଅଲୋଡ଼ା ରେକର୍ଡ ସଚିନ ତେନ୍ଦୁଲକର ଓ ରାହୁଲ ଦ୍ରାବିଡ଼ଙ୍କ ନାଁରେ ରହିଛି। ଉଭୟ ୧୦ ଥର ଲେଖାଏଁ ଏହି ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଏହି ତାଲିକାରେ ରଷଭ ପନ୍ତ ୭ ଥର ଆଉଟ୍ ହୋଇ ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ମହେନ୍ଦ୍ର ସିଂହ ଧୋନି, ସୁନୀଲ ଗାଭାସ୍କର ଓ ବୀରେନ୍ଦ୍ର ସେହ୍ୱାଗ ୫ ଥର ଲେଖାଏଁ ୯୦ ରନରୁ ୯୯ ରନ୍ ମଧ୍ୟରେ ଆଉଟ୍ ହୋଇଛନ୍ତି। ଗିଲଙ୍କ ସମେତ ୭ ଜଣ ଭାରତୀୟ ବ୍ୟାଟର ଏହି ତାଲିକାରେ ୪ ଥର ଲେଖାଏଁ ସାମିଲ ଅଛନ୍ତି।

ଗ୍ରାଣ୍ଡ ମନସଟ ରାଜ୍ୟସ୍ତରୀୟ ଅନ୍ତଃ ସ୍କୁଲ ଚେସ: ବମଳ, ଶୁଭଲକ୍ଷ୍ମୀଙ୍କୁ ଏସଆର ଚେସ୍ ସମ୍ମାନ



ଭୁବନେଶ୍ୱର, ୨୧।୧୧(ସବୁ୍ୟ): ରାଜ୍ୟର ପ୍ରତିଷ୍ଠିତ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍.ଆର୍. ଚେସ୍ ସେଣ୍ଟରର ଆନୁକୂଲ୍ୟରେ ଗ୍ରାଣ୍ଡ ମିନିସିଟୀ ସହଯୋଗରେ ଗ୍ରାଣ୍ଡ ବଜାରଠାରେ ଦ୍ୱିତୀୟ ଗ୍ରାଣ୍ଡ ମିନିସିଟି ରାଜ୍ୟସ୍ତରୀୟ ଅନ୍ତଃସ୍କୁଲ ଚେସ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଗ୍ରାଣ୍ଡବଜାର ଓ ଗ୍ରାଣ୍ଡ ମିନି ସିଟିର ମୁଖ୍ୟ ସ୍ନେହା ଗର୍ଗ ମୁଖ୍ୟ ଅତିଥି ଏବଂ ଓସଜା ସମ୍ପାଦକ ତଥା ବିଜୁପଟ୍ଟନାୟକ ପୁରସ୍କାର ପ୍ରାପ୍ତ କ୍ରୀଡା ସାମ୍ବାଦିକ ତପନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ପ୍ରାୟ ୯୦ ଟି ସ୍କୁଲ ରୁ ୫୨ ଜଣ ବାଳିକା, ୭୦ ରୁ ଉର୍ଦ୍ଧ ଅନ୍ତର୍ଜାତୀୟ ଫି ଡେ ରେଟେଡ ଖେଳାଳିଙ୍କ ସହ ରେକର୍ଡ ୨୦୦ ରୁ ଉର୍ଦ୍ଧ ଖେଳାଳି ଏଥିରେ ଭାଗ ନେଇଛନ୍ତି । ପ୍ରଥମ ଦିନ ଚତୁର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ୮ ଜଣ ଖେଳାଳି ଟପ୍ ସିଡ୍ ଆର୍ଯ୍ୟନ ବେହେରା ,ଶାୟାଂଶ ଦାସ , ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ, ନେନିକା ସାହୁ,ସନାଲ୍ ବୈଭବ,ଆହଁ ଅଭିଜ୍ଞାନ,ଆଦର୍ଶ କୁମାର ବରିହା ଓ ପ୍ରଜ୍ଞାନ ମିଶ୍ର ପୂର୍ଣ୍ଣ ଚାରି ପଏଣ୍ଟ ସହ ମିଳିତ ଭାବେ ଶୀର୍ଷରେ ଅଛନ୍ତି। ଏସ ଆର ଚେସ ସେଣ୍ଟର ସଭାପତି ଶୁଭାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନ ଉତ୍ସବରେ ରାଜ୍ୟ ଚେସ ସଂଘ୍ର କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରାପ୍ତ କ୍ରୀଡା ସାମ୍ବାଦିକ ବିମଳ ରାଉଳ (ପ୍ରମେୟ), ଶୁଭଲକ୍ଷ୍ମୀ ବଳ (କନକ ଟିଭି) ଓ ଚେସ ଗୁରୁ ପୁରୀର ଶ୍ୟାମଳ କୁଣ୍ଡୁଙ୍କୁ ସ୍ୱତନ୍ତ୍ର ଭାବେ ଏସ୍.ଆର୍. ଚେସ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏସ ଆର ଚେସ ସମ୍ପାଦକ ସତ୍ୟ ରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଖେଳକୁ ଅନ୍ତର୍ଜାତୀୟ ଅର୍ବିଟର ସୁରେଶ ଚନ୍ଦ୍ର ସାହୁ, ଜାତୀୟ ସିନିୟର୍ ଅର୍ବିଟର ମାନସ ରଞ୍ଜନ, ମନୋଜ କୁମାର ରାୟ ପଟ୍ଟନାୟକ, ରିତିକ୍ ସାହୁ, ଅବିନାଶ ଦାସ, ଚନ୍ଦ୍ର ଶେଖର ମିଶ୍ର ଓ ଗ୍ରାଣ୍ଡ ବଜାର ମ୍ୟାନେଜର ସୌରଭ ରଥ ପରିଚାଳନା କରୁଛନ୍ତି।

ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ ୧୨ ବର୍ଷରୁ କମ୍ ବର୍ଗରେ ମୟୂରଭଞ୍ଜ ଚାମ୍ପିଅନ



ଭୁବନେଶ୍ୱର,୨୧।୧୧(ସବୁ୍ୟ): ଭୁବନେଶ୍ୱରଠାରେ ଚାଲିଥିବା ୭୩ତମ ଓଡ଼ିଶା ଭାରୋତ୍ତୋଳନ ଚାମ୍ପିଅନସିପର ଦ୍ୱିତୀୟ ଦିବସରେ ପ୍ରଥମଥର ପାଇଁ ଆୟୋଜିତ ୧୨ ଓ ୧୪ କମବର୍ଗର ବାଳକ ଓ ବାଳିକା ବିଭାଗର ଭାରୋତ୍ତୋଳନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ କ୍ରୀଡା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କ୍ରୀଡା ଓ ଯୁବ ସେବାବିଭାଗର ଉଚ୍ଚସଚିବ ଧୀରଜ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କୃତି ଖେଳାଳି ଓ ଦଳ ଗୁଡିକୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରୁ ପ୍ରଥମ ଜାତୀୟ ପ୍ରତିଯୋଗିତା ନିମନ୍ତେ ଖେଳାଳୀ ଚୟନ କରାଯିବ। ଡିସେମ୍ବର ୨୮ରୁ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ମୋଦୀ ନଗର ଠାରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ୧୨ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ମୟୂରଭଞ୍ଜ ଚାମ୍ପିଅନ ହୋଇଥିବା ବେଳେ ଖୋର୍ଦ୍ଧା ରନର୍ସ ଅପ୍ ହୋଇଛି। ସେହିଭଳି ୧୪ ବର୍ଷରୁ କମ୍ ବାଳକ ଓ ବାଳିକାରେ ଗଞ୍ଜାମ ଚାମ୍ପିଅନ ହୋଇଥିବା ବେଳେ ନବରଙ୍ଗପୁର ରନର୍ସ ଅପ୍ ହୋଇଛି। ଖୋର୍ଦ୍ଧାର ଏ ନୀଳକଣ୍ଠ ରାଓ, ମୟୂରଭଞ୍ଜର ପୁନିମା ହାଂସଦା, ନବରଙ୍ଗପୁରର ସୁରୋଜ ଶାନ୍ତା ଏବଂ ଗଞ୍ଜାମର ରିଆ ଗୌଡଙ୍କୁ ଶ୍ରେଷ୍ଠ ଭାରୋତ୍ତୋଳକ ପୁରସ୍କାର ପ୍ରଦାନ କରାଯାଇଛି।

ଲକ୍ଷ୍ୟ ସେନଙ୍କ ଟାଇଟଲ୍ ହ୍ୟାଟ୍ରିକ୍ ସ୍ୱପ୍ନ ଭାଙ୍ଗିଲା

ନୂଆଦିଲ୍ଲୀ,୨୧।୧୧(ଏଜେନ୍ସି): ହଂକଂ ଓପନ୍ ସୁପର୍ ୫୦୦ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳିଙ୍କ ଅଭିଯାନ ନିରାଶାଜନକ ଭାବେ ଶେଷ ହୋଇଛି। ଟାଇଟଲ୍ ହ୍ୟାଟ୍ରିକ୍ ଲକ୍ଷ୍ୟରେ ରହିଥିବା ଲକ୍ଷ୍ୟ ସେନ୍ ସେମିଫାଇନାଲରେ ପରାସ୍ତ ହୋଇଥିବା ବେଳେ ପୁରୁଷ ଯୁଗଳରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ି ମଧ୍ୟ ହାରି ବିଦାୟ ନେଇଛି। ଫଳରେ ଭାରତର କୌଣସି ଖେଳାଳି ଫାଇନାଲରେ ପହଞ୍ଚି ପାରିନାହାନ୍ତି। ଲକ୍ଷ୍ୟ ସେନଙ୍କ ଲଗାତାର ତୃତୀୟ ଟାଇଟଲ୍ ଜିତିବା ଆଶାକୁ ଡେନମାର୍କର ଆଣ୍ଡର୍ସ ଆଣ୍ଟନସେନ୍ ଶେଷ କରିଛନ୍ତି। ସେମିଫାଇନାଲରେ ଆଣ୍ଟନସେନ୍ ୨୧-୧୩, ୨୧-୧୩ ଗେମ୍ରେ ଲକ୍ଷ୍ୟଙ୍କୁ ପରାସ୍ତ କରିଥିଲେ। ଲକ୍ଷ୍ୟ ଏହି ପ୍ରତିଯୋଗିତାକୁ ଲଗାତାର ଦୁଇଟି ଟାଇଟଲ୍ ଜିତି ଆସିଥିଲେ। ସେ ଏହା ପୂର୍ବରୁ ହାଇଲୋ ଓପନ୍ ଓ କୁମାମୋଟୋ ମାଷ୍ଟର୍ସ ଜାପାନରେ ଚାମ୍ପିଅନ୍ ହୋଇଥିଲେ। ତେଣୁ ହଂକଂରେ ତୃତୀୟ ଟାଇଟଲ୍ ଜିତି ହ୍ୟାଟ୍ରିକ୍ କରିବା ତାଙ୍କର ଲକ୍ଷ୍ୟ ଥିଲା। କିନ୍ତୁ ଆଣ୍ଟନସେନଙ୍କ ନିୟନ୍ତ୍ରିତ ଖେଳ ଆଗରେ ଲକ୍ଷ୍ୟ ନିଜର ସ୍ୱାଭାବିକ ଲୟ ପାଇପାରି ନଥିଲେ। ପ୍ରଥମ ଗେମରେ ଆରମ୍ଭରୁ ଆଣ୍ଟନସେନ୍ ଆଗୁଆ ରହିଥିଲେ। ଲକ୍ଷ୍ୟ ୮-୮ରେ ସ୍ଥିତି ସମାନ କରିଥିଲେ ମଧ୍ୟ ଡେନମାର୍କ ଖେଳାଳି ପୁଣି ଆଧିପତ୍ୟ ବିସ୍ତାର କରି ଗେମ୍ ଜିତିଥିଲେ। ଦ୍ୱିତୀୟ ଗେମ୍ରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଆଣ୍ଟନସେନ୍ ନିଜର ଚତୁର ଖେଳ ଓ ଉତ୍କୃଷ୍ଟ ସଟ୍ ଚୟନ ବଳରେ ମ୍ୟାଚ୍ ନିଜ ନାଁରେ କରିଥିଲେ। ପୁରୁଷ ଯୁଗଳ ସେମିଫାଇନାଲରେ ଭାରତର ବିଶ୍ୱ ମାନ୍ୟତାପ୍ରାପ୍ତ ଷଷ୍ଠ ଯୋଡ଼ି ସାତ୍ୱିକସାଇରାଜ ରଣକୀରେଡ୍ଡୀ ଓ ଚିରାଗ ସେଟ୍ଟୀ ମାଲେସିଆର ମାନ୍ ୱେଇ ଚୋଙ୍ଗ୍ ଓ ଟି କାଇ ୱାଙ୍ଗଠାରୁ ୧୮-୨୧, ୧୯-୨୧ ଗେମରେ ପରାସ୍ତ ହୋଇଛନ୍ତି।

ବେତନଟୀର ଲକ୍ଷ୍ମୀଧରଙ୍କୁ ସ୍ୱର୍ଣ୍ଣ, ରୌପ୍ୟ

ବେତନଟୀ,୨୧।୧୧(ସବୁ୍ୟ): ମୟୂରଭଞ୍ଜ ଜିଲ୍ଲା ବେତନଟୀର ଲକ୍ଷ୍ମୀଧର ପାକଳ ଝାଡ଼ଖଣ୍ଡ ରାଜ୍ୟର ଜାମଶେଦପୁର ଅଧୀନ ଟାଟାନଗର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଷଷ୍ଠ ଏଥଲେଟିକ ଚାମ୍ପିଅନସିପ-୨୦୨୬ରେ ଅଂଶଗ୍ରହଣ କରି ୬୦ବର୍ଷରୁ ଉର୍ଦ୍ଧ୍ୱର୍ ବର୍ଗରେ ଦୁଇଟି ବିଭାଗରେ ପୃଥକ ଭାବେ ସ୍ୱର୍ଣ୍ଣ ଏବଂ ରୌପ୍ୟପଦକ ହାସଲକରି ଓଡିଶା ସମେତ ସମଗ୍ର ବେତନଟୀ ପାଇଁ ଗୌରବ ଆଣିଦେଇଛନ୍ତି । ବେତନଟୀର ୬୪ବର୍ଷୀୟ ଲକ୍ଷ୍ମୀଧର ପାକଳ ଜଣେ ସଫଳ ଧାବକ ଭାବରେ ବେଶ ଖ୍ୟାତି ଅର୍ଜନ କରିଥିବା ବେଳେ ୬୪ବର୍ଷରେ ନିଜ ଶରୀର ଏବଂ ମନକୁ ସୁସ୍ଥ ରଖିବାର ଦୃଢ ଇଚ୍ଛାଶକ୍ତି ଯୁବପୀ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି । ଚଳିତମାସ ଝାଡ଼ଖଣ୍ଡ ରାଜ୍ୟର ଜାମଶେଦପୁର ଟାଟାନଗର ଠାରେ ଶନିବାର ଏବଂ ରବିବାର ଦୁଇଦିନବ୍ୟାପୀ ଚାଲିଥିବା ରାଜ୍ୟସ୍ତରୀୟ ଷଷ୍ଠ ଏଥଲେଟିକ ଚାମ୍ପିଅନସିପ -୨୦୨୬ର ପ୍ରଥମଦିନରେ ୬୦ବର୍ଷରୁ ଉର୍ଦ୍ଧ୍ୱର୍ ବର୍ଗରେ ଜାଭେଲିନ-ଥ୍ରୋ ପାଇଁ ସ୍ୱର୍ଣ୍ଣପଦକ ଏବଂ -ଥ୍ରୋ ପାଇଁ ରୌପ୍ୟପଦକ ହାସଲକରି ଓଡିଶା ସମେତ ସମଗ୍ର ମୟୂରଭଞ୍ଜ ଏବଂ ବେତନଟୀ ପାଇଁ ଗୌରବ ଆଣିଦେଇଛନ୍ତି ।

ସୂଚନା

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମ୍ବାଦରେ ବ୍ୟବସାୟ / ଶିକ୍ଷାନୁଷ୍ଠାନ ବିଜ୍ଞାପନ ଦେବାକୁ ଚାହୁଁଥିବା ଜହୁରୀ ବ୍ୟକ୍ତି ଉପରୋକ୍ତ ସୂଆାର୍ ଜୋନ୍ ଭିତର ଜରି ଦେୟ ଯୌଦ୍ଧ କରିପାରିବେ । ଫୋନ୍ ଯେ, ଫେଡିଏମ୍, ସୁଲୁରୁ ଯେ, ଭାରତ ଯେ ଜବ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍ଟୁ ବିଜ୍ଞାପନ ସହ ୭୯୭୮୪୬୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୪୬୩୧୬୪ରେ ଯୋଗାଯୋଗ କରନ୍ତୁ।

YAMAHA Revs Your Heart
The call of the BLUE
We are looking for New YBC or Sub-Dealers to grow with us in
Baisinga
Bombay Chhak
Rasgobindapur
Bahalda
Attractive Business Opportunity
Strong Brand Support
Training & Marketing Support
Growth Together
Join the Yamaha Family Today